ଷୋଡ଼ଶ ବର୍ଷରେ ପଦାର୍ପଣ

ଶିକ୍ଷା, ସଂସ୍କୃତି ଓ ପ୍ରଗତିଭିତ୍ତିକ ସମ୍ବାଦପତ୍ର

Tejaswini

# ତେଜସ୍ୱିନୀ

Page - 08

Rs. 7.00

ବର୍ଷ-୧୬, ସଂଖ୍ୟା-୩୬, ଭୁବନେଶ୍ୱର: ସେପ୍ଟେମ୍ବର ୧୫-୨୧, ୨୦୨୫

Vol-16, Issue-36, Bhubaneswar : September 15-21, 2025

RNI NO.ODIODI/2010/33715

## ସେପ୍ଟେମ୍ବର ୩୦ ସୁଦ୍ଧା ୯,୫୫,୦୦୦ ମେଟ୍ରିକ୍ ଟନ୍ ସାର ଆବଶ୍ୟକ

# ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଅ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର: ୨୦୨୫ ଖରିଫ ଋତୁରେ ସେପ୍ଟେମ୍ବର ୩୦ ସୁଦ୍ଧା ସମୁଦାୟ ୯,୫୫,୦୦୦ ମେଟ୍ରିକ୍ ଟନ୍ ସାର ଆବଶ୍ୟକ। କେନ୍ଦ୍ର ସରକାର ଏହି ପରିମାଣର ସାର ଆବଣ୍ଟନ କରିସାରିଛନ୍ତି। ଆବଶ୍ୟକ ହେଲେ ଅଧିକ ସାର ପାଇଁ ଅନୁରୋଧ କରାଯିବ। ବର୍ତ୍ତମାନ ସୁଦ୍ଧା ରାଜ୍ୟ ସରକାରଙ୍କ ପାଖରେ ସମୁଦାୟ ମହଜୁଦ୍ ଥିବା ୧୧,୬୬,୭୩୩ ମେଟ୍ରିକ୍ ଟନ୍ ସାର ମଧ୍ୟରୁ ୯,୮୫,୯୬୭ ମେଟ୍ରିକ୍ ଟନ୍ ସାର ବିକ୍ରି ହୋଇସାରିଛି। ମାତ୍ର କୌଣସି ପ୍ରକାର କଳାବଜାରୀ କିମ୍ବା ଗଚ୍ଛିତ କିମ୍ବା ନକଲି ସାରର ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କର। ସମସ୍ତ ଜିଲ୍ଲାରେ ଥିବା ପାକ୍ସ ଏବଂ ଲ୍ୟାମ୍ପସ୍ ଜରିଆରେ ସାର ଆବଣ୍ଟନ କାର୍ଯ୍ୟକୁ ସଠିକ୍ ଭାବରେ ତଦାରଖ ହେଉ।

ଲୋକସେବା ଭବନଠାରେ ରାଜ୍ୟରେ ସାର ଯୋଗାଣ ସ୍ଥିତିର ସମୀକ୍ଷା କରି ସମସ୍ତ ଜିଲ୍ଲାପାଳଙ୍କୁ ଏଭଳି କଡ଼ାକଡ଼ି ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ସାରର କୌଣସି ଅଭାବ ନାହିଁ। ସମସ୍ତ ଜିଲ୍ଲାରେ ଆବଶ୍ୟକତା ଅନୁଯାୟୀ ସାର ଆବଣ୍ଟନ କାର୍ଯ୍ୟ ସୁରୁଖୁରରେ ଚାଲିଛି। ଏହା



ସତ୍ତ୍ୱେ ଯଦି ସମସ୍ୟା ରହୁଛି ତାହାଲେ କଠୋର ହେବାକୁ ପଡ଼ିବ। ଯାଞ୍ଚ ସ୍ଥାନରେ ସାରକୁ ଜବତ୍ ନକରି ସେହି ସାରକୁ ନିକଟସ୍ଥ ପାକ୍ସ କିମ୍ବା ଲ୍ୟାମ୍ପସ୍‌କୁ ସ୍ଥାନାନ୍ତରିତ କରି ଚାଷୀଙ୍କୁ ଆବଣ୍ଟନ କରିବାକୁ ପଦକ୍ଷେପ ନିଆଯାଉ। ଜିଲ୍ଲାରେ ସାରର ଷ୍ଟକ୍ ସ୍ଥିତି ଏବଂ ଆବଶ୍ୟକତା ଅନୁସାରେ ପାକ୍ସ ଏବଂ ଲ୍ୟାମ୍ପସ୍‌କୁ ବିଭିନ୍ନ ଗ୍ରେଡ୍‌ର ସାର ଯୋଗାଇଦେବା ପାଇଁ କୃଷି ବିଭାଗକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି, ମାର୍କଫେଡ୍‌ର ଅଧିକାରୀମାନଙ୍କୁ ସାରଯୋଗାଣ ତ୍ୱରାନ୍ୱିତ କରିବାକୁ ପଡ଼ିବ। ଜିଲ୍ଲା ଏବଂ ବ୍ଲକ ସ୍ତରରେ ନିୟମିତ ଭାବରେ ବେଆଇନ କାର୍ଯ୍ୟକଳାପ ଉପରେ ଯାଞ୍ଚ କରିବା, କଳାବଜାରୀ ରୋକିବା ପାଇଁ ଚଢ଼ାଉକୁ ଅଧିକ କଡ଼ାକଡ଼ି କରିବା ପାଇଁ ମୁଖ୍ୟମନ୍ତ୍ରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରତ୍ୟେକ ଜିଲ୍ଲାରେ ସମନ୍ୱିତ କୃଷିକୁ ଅଧିକ ଗୁରୁତ୍ୱ ଦେବା, ତୈଳବୀଜ ଏବଂ ଡାଲି ଜାତୀୟ ଫସଲ କରିବା ପାଇଁ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ନେଇଛନ୍ତି। ଏଣୁ, ସମୃଦ୍ଧ କୃଷକ ଯୋଜନା ମାଧ୍ୟମରେ ଚାଷ କାର୍ଯ୍ୟକୁ ବହୁଗୁଣିତ କରିବା ପାଇଁ ଆମର ଯେଉଁ ଲକ୍ଷ୍ୟ ଅଛି, ତାହା ସଫଳ ହୋଇପାରିବ। ବନ୍ୟାଞ୍ଚଳରେ କ୍ଷୟକ୍ଷତି ଆକଳନ କରି ସେଠାରେ ଚାଷୀମାନଙ୍କୁ ଯଥା ସୁବିଧା ଯୋଗାଇ ଦିଆଯାଉଛି ଏବଂ ଯେପରି ସେହି ଅଞ୍ଚଳରେ ଚାଷୀମାନେ କୌଣସି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେ ବିଷୟରେ ଧ୍ୟାନ ଦିଆଯିବା ଆବଶ୍ୟକ। ଏହି ଅବସରରେ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇଥିବା ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କ ସହ ମୁଖ୍ୟମନ୍ତ୍ରୀ କଥା ହୋଇ, ପ୍ରତ୍ୟେକ ଜିଲ୍ଲାରେ ସାର ବଣ୍ଟନ କାର୍ଯ୍ୟକଳାପ ବିଷୟରେ ପଚାରି ବୁଝିଥିଲେ ଏବଂ କୌଣସି ସ୍ଥାନରେ ଚାଷୀମାନଙ୍କ ସୁବିଧା ପାଇଁ ସମସ୍ତ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଅରବିନ୍ଦ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗନେଇଥିଲେ।

# ଅଭିଯୋଗ ସମାଧାନ ମଡ୍ୟୁଲ୍ ହେବ କାର୍ଯ୍ୟକାରୀ

ଭୁବନେଶ୍ୱର: ମହିଳା ଓ ଶିଶୁ ବିକାଶ ସମ୍ମିଳନୀ କକ୍ଷରେ ମାନ୍ୟବର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ସୁଭଦ୍ରାରୁ ବଞ୍ଚିତ ହୋଇଥିବା ହିତାଧିକାରୀମାନଙ୍କ କାରଣ ବିଷୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ବିଭାଗୀୟ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ, ବାଣିଜ୍ୟ ଓ ପରିବହନ ବିଭାଗ ଅଧିକାରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଅଧିକାରୀ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଅଧିକାରୀ, ଉଚ୍ଚ ଶିକ୍ଷା ବିଭାଗର ଅଧିକାରୀ, ଅନୁସୂଚିତ ଜାତି ଓ ଜନଜାତି ବିଭାଗର ଅଧିକାରୀ, ସୁଭଦ୍ରା ଟିମ୍‌ର ଅଧିକାରୀବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ମୃତ୍ୟୁ କାରଣରୁ ବଞ୍ଚିତ ହୋଇଥିବା ୧୫,୯୮୪ ଜଣ ହିତାଧିକାରୀଙ୍କ ତାଲିକାକୁ ଯାଞ୍ଚ କରିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗକୁ ଦିଆଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଯାଞ୍ଚ ରିପୋର୍ଟ ଆଧାରରେ ମୃତ ହିତାଧିକାରୀ ସୁଭଦ୍ରାରୁ ବାଦ ପଡ଼ିବେ ବୋଲି ବୈଠକରେ ମତ ପ୍ରକାଶ ହୋଇଛି। ସେହିପରି ଭାବେ ଚାରିଚକିଆ ଯାନ ଥିବା ହିତାଧିକାରୀଙ୍କ ତାଲିକାକୁ ବାଣିଜ୍ୟ ଓ ପରିବହନ ବିଭାଗକୁ ଯାଞ୍ଚ ପାଇଁ ପ୍ରଦାନ କରାଯାଇଛି। ଜମି ବାବଦୀୟ ହିତାଧିକାରୀଙ୍କ ତାଲିକାକୁ କ୍ଷେତ୍ର ଅନୁଧ୍ୟାନ କରାଯିବ ବୋଲି ବୈଠକରେ ମତ ପ୍ରକାଶ ପାଇଛି। ବୟସାଧିକ ହିତାଧିକାରୀଙ୍କ ଆଧାରକୁ ପୁନର୍ବାର ଯାଞ୍ଚ କରିବା ପରେ ବାଦ ପଡ଼ିଥିବା ଯୋଗ୍ୟ ମହିଳାଙ୍କୁ ସୁଭଦ୍ରାରେ ସାମିଲ କରାଯିବ। ଏହି ବୈଠକରେ ସୁଭଦ୍ରା ଅଭିଯୋଗ ସମାଧାନ ମଡ୍ୟୁଲ୍‌କୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ନିର୍ଦ୍ଦେଶ ଦେଇଛନ୍ତି।

# କଟକରେ ଚମକିବ ୩୬ ଚାନ୍ଦି ମେଢ଼

ଭୁବନେଶ୍ୱର: ବିଘ୍ନବିନାଶକ ପ୍ରଭୁ ଶ୍ରୀଗଣେଶଙ୍କ ପୂଜାଠାରୁ ଆରମ୍ଭ ହୁଏ ପାର୍ବଣ ଋତୁ। ଦୁଇ ପର୍ଯ୍ୟାୟ ଗଣେଶ ପୂଜା ଭସାଣି ଯେଭଳି ଯାକଜମକରେ ଏଥର ପାଳିତ ହୋଇଛି ତାକୁ ପରଖିଲେ ଶାରଦୀୟ ଦୁର୍ଗପୂଜା ବେଶ୍ ଜମିବ ବୋଲି ଅନୁମାନ କରାଯାଇପାରେ। ଗଣେଶ ପୂଜା ପରେ କଟକ ସହରର ସମସ୍ତ ପୂଜା କମିଟି ତତ୍ପର ହୋଇ ଉଠି ଶାରଦୀୟ ଦୁର୍ଗାପୂଜା ପାଇଁ। ଏଥର ବି ସେପରି ହୋଇଛି। କଟକ ନଗର ପୂଜା କମିଟି, ଶାନ୍ତି କମିଟି, ଜିଲ୍ଲା ପ୍ରଶାସନ ଏବଂ ପୁଲିସ ପକ୍ଷରୁ ପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ହଜାର ବର୍ଷର ସହର କଟକରେ ଶାରଦୀୟ ପୂଜାକୁ ସ୍ମରଣୀୟ କରିବା ପାଇଁ ପୂଜା କମିଟିଗୁଡ଼ିକ ଅଣ୍ଟାଭିଡ଼ି କାମରେ ଲାଗିଯାଇଛନ୍ତି। ପୁଣ୍ୟତୋୟା ମହାନଦୀ ଓ କାଠଯୋଡ଼ି କୂଳରୁ ମାଟି ଉଠିଥିଲା ବେଳେ ମୃଣ୍ମୟ ମୂର୍ତ୍ତି ଗଢ଼ିବାରେ ଲାଗି ପଡ଼ିଛନ୍ତି କାରିଗର। କେତେକ ସ୍ଥାନରେ ମୂର୍ତ୍ତିଗୁଡିକ ଏକମାଟିଆ ହୋଇ ସାରିଥିବା ବେଳେ ଆଉ କେତେକ ସ୍ଥାନରେ ସରିଲାଣି ଦୋମାଟିଆ କାର୍ଯ୍ୟ। ସେହପରି ପ୍ରମୁଖ ପୂଜା କମିଟିଗୁଡ଼ିକ ତୋରଣ କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି। ଏଥିପାଇଁ ଏବେ ଚାଲିଛି ବାଉଁଶ କଟା କାର୍ଯ୍ୟକ୍ରମ। ଆସନ୍ତା ୨୨ତାରିଖ ଠାରୁ ମା'ଙ୍କ ପୀଠରେ ଶାରଦୀୟ ନବରାତ୍ରୀ ଆରମ୍ଭ ହେଉଛି। ଚଳିତବର୍ଷ ୧୭୬ ମଣ୍ଡପରେ ପୂଜା ପାଇବେ ମା' ଦୁର୍ଗା ଓ ଶିବପାର୍ବତୀ। କଟକ ମହାନଗର ଅଞ୍ଚଳରେ ଚଳିତବର୍ଷ ୧୭୬ଟି ମେଢ଼ରେ ପୂଜା ହେବ। ହଜାର ବର୍ଷର ଐତିହ୍ୟ ସମ୍ପନ୍ନ ସହର ବାଉନ ବଜାର, ତେପନ ଗଳିର ସହର କଟକର ଗର୍ବ ଓ ଗୌରବ ହେଉଛି ବିଶ୍ୱ ପ୍ରସିଦ୍ଧ ତାରକସୀ କାର୍ଯ୍ୟ ଓ ଶାରଦୀୟ ପୂଜା। ପୂର୍ବରୁ କଟକ ସହର କେବଳ ମାତ୍ର କେତୋଟି ଚାନ୍ଦି ମେଢ଼କୁ ନେଇ ଦୀର୍ଘ ବର୍ଷ ଗର୍ବ କରି ଆସୁଥିଲା। ଏବେ କିନ୍ତୁ ସେ ଅବସ୍ଥା ନାହିଁ। ନିୟମିତ ବ୍ୟବଧାନରେ ବର୍ଷକୁ ବର୍ଷ ବଢୁଛି ଚାନ୍ଦିମେଢ଼ ସଂଖ୍ୟା। ଗତବର୍ଷ କଟକରେ ୩୪ ଚାନ୍ଦିମେଢ଼ ନିର୍ମାଣ କରାଯାଇଥିଲା। ଏଥର ଏହି ତାଲିକାରେ ଗୋପାଳଜିଉ ଲେନ୍ ମଠସାହି ଓ ଯୋବ୍ରା ଯୋଡ଼ି ହୋଇଯାଇଛି। ଅର୍ଥାତ୍ ଚଳିତବର୍ଷ କଟକର ଦୁର୍ଗାପୂଜାରେ ୩୬ଟି ଚାନ୍ଦି ମେଢ଼ ଶୋଭାବର୍ଦ୍ଧନ କରିବ। ଏତଦ୍ ବ୍ୟତୀତ ତେଲେଙ୍ଗାବଜାର ଓ ବୟାଳିଶମୌଜାରେ ପିତ୍ତଳ ଏବଂ ରାଉସପାଟଣାରେ କାଚ ମେଢ଼ ନିର୍ମାଣ କରାଯାଇଛି। ଅପରପକ୍ଷେ ଅନେକ ମେଢ଼ରେ ସୁନା ବ୍ୟବହାର ମଧ୍ୟ ହୋଇଛି। ମଙ୍ଗଳବାଗ ଓ ଚୌଧୁରୀ ବଜାର ସୁନା ମେଢ଼ ଆଡ଼କୁ ଗତି କରୁଛି। ସେହିପରି ଜରିମେଢ଼ କାରୀଗରମାନେ ମଧ୍ୟ ମେଢ ତିଆରିରେ ଲାଗି ପଡ଼ିଛନ୍ତି। ଶହେରୁ ଅଧିକ ପୂଜାମଣ୍ଡପରେ ଶୋଭାପାଇବ ଜରି ଓ ଜମ୍ବୁରାରେ ସୂକ୍ଷ୍ମ କାରୁକାର୍ଯ୍ୟ ଭରା ସୁନେଲି, ରୁପେଲି ମେଢ଼। ଶରତରେ କାଶତଣ୍ଡୀର ସମ୍ଭାର ପାଇଁ ଏବେ ଧରଣୀ ହସୁଛି। କାଠଯୋଡ଼ି ଓ ମହାନଦୀର ପଠାରେ କାଶତଣ୍ଡୀ ଫୁଲ ସୁଲୁସୁଲୁ ପବନରେ ଦୋଳିଖେଳୁ ଥିଲା ବେଳେ ମା'ଦୁର୍ଗାଙ୍କ ଆବାହନ ପାଇଁ ପୂଜା ମଣ୍ଡପଗୁଡ଼ିକରେ ପ୍ରସ୍ତୁତି ଜୋର୍ ଧରିଛି। ଶାରଦୀୟ ପୂଜା ପାଇଁ ହଜାର ବର୍ଷର କଟକ ସହର ଚଳଚଞ୍ଚଳ ହୋଇଉଠିଛି। ରୌପ୍ୟନଗରୀ କଟକ ସହରରେ ଏବେ ପାର୍ବଣର ବାସ୍ନା ଚହଟିଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ।

# ରାଜ୍ୟବାସୀଙ୍କୁ ମିଳିବ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା

ଭୁବନେଶ୍ୱର: ରାଜ୍ୟବାସୀଙ୍କୁ ମିଳିବ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା। ଏନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ନିଆଯାଉଛି ଅନେକ ପଦକ୍ଷେପ। ତେବେ କ୍ୟାପିଟାଲ୍ ହସ୍ପିଟାଲ୍ ପିଜିଆଇଏମ୍‌ଇଆର୍ ସମେତ ରାଜ୍ୟରେ ଅନେକ ସ୍ଥାନରେ ନବନିର୍ମିତ ଅତ୍ୟାଧୁନିକ ଚିକିତ୍ସା ବ୍ୟବସ୍ଥାକୁ ସୁଦୃଢ଼ କରାଯାଉଛି। ଯାହାକୁ ନେଇ ଆଖପାଖ ଜିଲ୍ଲାର ଅନେକ ଲୋକମାନେ ସ୍ୱାସ୍ଥ୍ୟ ସେବାରେ ଲାଭବାନ ହୋଇପାରିବେ। ଆସନ୍ତା ୧୭ ତାରିଖରେ ସାରା ଭାରତରେ ନୂତନ ଟ୍ରମା କେୟାର୍ ସେଣ୍ଟର୍ ଶୁଭାରମ୍ଭ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରରେ ଟ୍ରମା କେୟାର୍ ସେଣ୍ଟର୍ ପ୍ରସ୍ତୁତ ହୋଇରହିଛି। ଭର୍ଚୁଆଲ୍ ମୋଡ୍‌ରେ ଟ୍ରମା କେୟାର୍ ୟୁନିଟ୍ ଓ ଅନ୍ୟାନ୍ୟ ବିଭାଗକୁ ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବେ ବୋଲି ସୂଚନା ମିଳିଛି। ଏହି ଅବସରରେ ରାଜ୍ୟବାସୀଙ୍କୁ ଗୁଣାତ୍ମକ ଓ ଅତ୍ୟାଧୁନିକ ଚିକିତ୍ସା ଭେଟିଦେବେ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ହସ୍ପିଟାଲ୍ ପରିସର ଏନେଇ ଜୋରଦାର୍ ଚାଲିଛି ପ୍ରସ୍ତୁତି।

ତେଜସ୍ୱିନୀ

## ବିଶେଷ ଦୃଷ୍ଟି ଆକର୍ଷଣ

- ଶୋଜା
- ବିରଳ କଙ୍କଡ଼ା
- ସୁପର୍ ଆର୍ଥ
- ଧନୀ ପେଟ୍

# ଦାୟିତ୍ୱ ନିର୍ବାହର ଦାୟବଦ୍ଧତା

ଆମମାନଙ୍କର ବ୍ୟକ୍ତିଗତ, ପାରିବାରିକ ଜୀବନ ହେଉ କି ସାମାଜିକ ଜୀବନ ହେଉ ଆମର କିଛି ନା କିଛି ଦାୟିତ୍ୱ ନିଶ୍ଚିତ ରହିଛି। ସେହିସବୁ ଦାୟିତ୍ୱଗୁଡ଼ିକୁ ଠିକ୍ ଭାବେ ନିର୍ବାହ କରିବା ହେଉଛି ପ୍ରତ୍ୟେକ ବ୍ୟକ୍ତିଙ୍କର କର୍ତ୍ତବ୍ୟ। ତେବେ ଆମେ ଯେତେବେଳେ ଏହା ନିର୍ବାହ କରିବାରେ ବିଫଳ ହୁଅନ୍ତି ସେତେବେଳେ ବ୍ୟକ୍ତିଗତ, ପାରିବାରିକ ଓ ସାମାଜିକ କ୍ଷେତ୍ର ପ୍ରଭାବିତ ହେବା ସହିତ ନାନାଦି ବିଭ୍ରାଟ ସୃଷ୍ଟି ହେବା ସ୍ୱାଭାବିକ କଥା। ବ୍ୟକ୍ତିଗତ ଜୀବନରେ ଆମେ ଆମ ପରିବେଶକୁ ସଫାସୁତରା ରଖିବା, ରାସ୍ତାର ନିୟମକୁ ମାନି ଚଳିବା, ରୋଗବ୍ୟାଧି, ମହାମାରୀ ଓ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ବେଳେ ସରକାରୀ ନିର୍ଦ୍ଦେଶକୁ ପାଳନ କରିବା ସର୍ବୋପରି ସମାଜରେ ଅକ୍ଷମ, ଅସମର୍ଥ ଓ ଅବହେଳିତଙ୍କ ପ୍ରତି ସହଯୋଗର ହାତ ବଢ଼ାଇବା ଆଦି ନେଇ ରହିଥିବା ଆମ ଦାୟିତ୍ୱକୁ ଅତ୍ୟନ୍ତ ନିଷ୍ଠା ଓ ଆନ୍ତରିକତାର ସହ ନିର୍ବାହ କରିବାର ଆବଶ୍ୟକତା ରହିଛି। ପାରିବାରିକ ଜୀବନରେ ଆମେ ମାତାପିତା ଓ ଅଭିଭାବକ ଭାବରେ ଆମ ପିଲାମାନଙ୍କର ଲାଳନପାଳନ କରିବା ସହିତ ସେମାନଙ୍କୁ ଉପଯୁକ୍ତ ଶିକ୍ଷା ଓ ସଂସ୍କାର ପ୍ରଦାନ କରି ସ୍ୱାବଲମ୍ବୀ ଓ ସମାଜ ଉପଯୋଗୀ କରି ଗଢ଼ିବାର ଦାୟିତ୍ୱ ଆମ ଉପରେ।

ଆଗାମୀ ଭବିଷ୍ୟତରେ ପିଲାମାନେ ଯେପରି ଏକ ନୀତିନିଷ୍ଠ ଓ ମୂଲ୍ୟବୋଧଭିତ୍ତିକ ପାରିବାରିକ ଓ ସାମାଜିକ ଜୀବନ ନିର୍ବାହ କରିବେ ସେଥିପ୍ରତି ମଧ୍ୟ ଆମେ ପୂର୍ଣ୍ଣ ସଚେତନ ରହିବା ଆବଶ୍ୟକ। ପରିବାର ଭିତରେ ସମସ୍ତେ ଯେପରି ସମ୍ମାନ ଓ ସ୍ୱାଭିମାନର ସହିତ ବଞ୍ଚିପାରିବେ ସର୍ବୋପରି ସୁସ୍ଥ ଓ ଶୃଙ୍ଖଳିତ ଜୀବନଯାପନ କରିବେ ସେଥିପ୍ରତି ଆମେ ସମସ୍ତେ ସଚେତନ ଓ ଯତ୍ନବାନ୍ ହେବା ଉଚିତ। ଆମେ ଯେତେବେଳେ ଆମ ଦାୟିତ୍ୱ ପାଳନ କରିବାରେ ତ୍ରୁଟି କରିବା ସେତେବେଳେ ପାରିବାରିକ ଜୀବନରେ ଅଶାନ୍ତି ଓ ବିଶୃଙ୍ଖଳା ସୃଷ୍ଟି ହେବା ନିଶ୍ଚିତ। ଆଜି ଅନେକ ମାତାପିତା ଓ ଅଭିଭାବକ ସେମାନଙ୍କ ଦାୟିତ୍ୱ ପାଳନରେ ଅବହେଳା କରିବା କାରଣରୁ ସେମାନଙ୍କ ପିଲାମାନେ ମଣିଷରୁ ଅମଣିଷ ପାଲଟି ଯାଉଛନ୍ତି। ସେମାନେ ବିଭିନ୍ନ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହି ନିଜ ପ୍ରତି ଓ ପରିବାର ପ୍ରତି ବିପଦ ସୃଷ୍ଟି କରୁଛନ୍ତି। ନିନ୍ଦା ଓ ଅପବାଦ ବି ଅର୍ଜନ କରୁଛନ୍ତି। ସେହିପରି ପରିବାରର ମାତାପିତା, ବରିଷ୍ଠ ଓ ଗୁରୁଜନଙ୍କ ଦାୟିତ୍ୱ ବହନ କରିବାକୁ ଆଜି ଅଧିକାଂଶ ପିଲା ଆଗ୍ରହ ପ୍ରକାଶ କରୁ ନ ଥିବାରୁ ସେମାନେ ଦୁଃଖକଷ୍ଟରେ କାଳାତିପାତ କରୁଛନ୍ତି ଅଥବା କେଉଁ ବୃଦ୍ଧାଶ୍ରମରେ ଯାଇ ଅବଶିଷ୍ଟ ଜୀବନ ଅତିବାହିତ କରିବାକୁ ବାଧ୍ୟ ହେଉଛନ୍ତି।

ବ୍ୟକ୍ତିଗତ ଜୀବନଠାରୁ ଆରମ୍ଭ କରି ସାମାଜିକ ଜୀବନରେ ଆମେ ଯିଏ ଯେଉଁଠି ଓ ଯେଉଁ କ୍ଷେତ୍ରରେ ନିୟୋଜିତ ଅଛନ୍ତି ସେ ଦାୟିତ୍ୱକୁ ଆମେମାନେ ଠିକ୍ ଭାବେ ନିର୍ବାହ କରୁଛନ୍ତି କି ନାହିଁ ସେ ପ୍ରଶ୍ନ ପ୍ରଥମେ ନିଜେ ନିଜକୁ ପଚାରିବାର ଆବଶ୍ୟକତା ରହିଛି। ଶିକ୍ଷାଦାନରେ ନିୟୋଜିତ ଶିକ୍ଷକଟିଏ ହୁଅନ୍ତୁ ଅଥବା ଉଚ୍ଚପଦସ୍ଥ ପ୍ରଶାସନିକ ଅଧିକାରୀଟିଏ ହୁଅନ୍ତୁ ସେମାନଙ୍କ ଉପରେ ଯେଉଁ ଗୁରୁଦାୟିତ୍ୱ ରହିଛି ତାହାକୁ ସେମାନେ ଅତ୍ୟନ୍ତ ନିଷ୍ଠା ଓ ଦକ୍ଷତାର ସହ ଅନୁପାଳନ କରିବା ଉଚିତ। ଉତ୍ତମ ଶିକ୍ଷାଦାନ କରି ଉନ୍ନତ ମାନବ ସମ୍ବଳ ସୃଷ୍ଟି କରିବା ଯେମିତି ଜଣେ ଶିକ୍ଷକଙ୍କ ଦାୟିତ୍ୱ ଠିକ୍ ସେମିତି ଲୋକଙ୍କ ସମସ୍ୟା ସମାଧାନ ଦିଗରେ ଉତ୍ତମ ସେବା ପ୍ରଦାନ କରିବା ହେଉଛି ଜଣେ ପ୍ରଶାସନିକ ଅଧିକାରୀଙ୍କ ଦାୟିତ୍ୱ।

ସମାଜରେ ସମସ୍ତେ ସୁସ୍ଥ ଓ ସୁରକ୍ଷିତ ରହିବା ଅତ୍ୟନ୍ତ ଜରୁରୀ ବିଷୟ। ସେହି କାରଣରୁ ରୋଗୀଙ୍କୁ ଚିକିତ୍ସା ସେବା ଯୋଗାଇ ଦେଉଥିବା ଡାକ୍ତର, ଆଇନ ଶୃଙ୍ଖଳା ରକ୍ଷା ଦାୟିତ୍ୱରେ ଥିବା ପୋଲିସ ବାବୁମାନେ ସେମାନଙ୍କ ଦାୟିତ୍ୱ ସୁଚାରୁ ରୂପେ ଅନୁପାଳନ କରିବା ଅତ୍ୟନ୍ତ ଆବଶ୍ୟକ। ଲୋକଙ୍କୁ ବିଭିନ୍ନ ସେବା ଯୋଗାଇ ଦେବାକୁ ଏବଂ ସରକାରୀ ଯୋଜନାଗୁଡିକୁ କାର୍ଯ୍ୟକାରୀ କରାଇବାକୁ ନିୟୋଜିତ ଅଧିକାରୀ/କର୍ମଚାରୀମାନେ ସେମାନଙ୍କ ଦାୟିତ୍ୱକୁ ଠିକ୍ ଭାବେ ପାଳନ କରୁ ନ ଥିବା ନେଇ ଅନେକ ସମୟରେ ଅଭିଯୋଗ ହୋଇଥାଏ। ଦୁର୍ଘଟଣା ହ୍ରାସ ଓ ବୃକ୍ଷରୋପଣ ଆଦି ନେଇ ଲୋକଙ୍କୁ ସଚେତନ କରାଇବା ଦିଗରେ ସରକାରୀବାବୁମାନେ ଯେଉଁଳି ତତ୍ପର ଓ ଦାୟିତ୍ୱବାନ୍ ହେବା କଥା ତାହା ହୋଇ ନ ଥାନ୍ତି। ସାଧାରଣ ଲୋକେ ଏହାର କୁପରିଣାମ ହିଁ ଭୋଗ କରିଥାନ୍ତି। ଏକଥା ସତ ଯେ, ଦାୟିତ୍ୱ ନିର୍ବାହର ଦାୟବଦ୍ଧତା ଆମ ଭିତରେ ରହିପାରିଲେ ପଛକୁ ଆମକୁ ଦୋଷ ଦେବାକୁ କେହି ନ ଥିବେ।

# ନେପାଳରେ ସରକାର ବିରୋଧୀ ବିକ୍ଷୋଭ

ନେପାଳ ଘଟଣାରୁ କ୍ଷମତାଧାରୀ ବର୍ଗ ହୁଏତ ଏହା ମଧ୍ୟ ହୃଦୟଙ୍ଗମ କରିଥିବେ ଯେ ଜନ ପ୍ରତିକ୍ରିୟା ବା ସମାଲୋଚନାକୁ ଆତ୍ମ-ପରିମାର୍ଜନରେ ଉପଯୋଗ କରାଯାଇପାରେ ବା ତାକୁ ନିରବରେ ସହ୍ୟ କରି କ୍ରମେ ଚର୍ବିତଚର୍ବଣ ଅପ୍ରାସଙ୍ଗିକତାରେ ପରିଣତ କରି ଦିଆଯାଇପାରେ, କିନ୍ତୁ ତାହାକୁ ନିୟନ୍ତ୍ରଣ କରିବାର ଉଦ୍ୟମ କରି 'ହାରାକିରି' କରାଯାଇ ନ ପାରେ।

ହିମାଳୟ କ୍ରୋଡ଼ରେ ଆଶ୍ରିତ କ୍ଷୁଦ୍ର ରାଜ୍ୟ ନେପାଳରେ ସଂଘଟିତ ହୋଇଯାଇଥିବା ଜନ ବିଦ୍ରୋହ, ସେଠାକାର ସରକାରର ପତନ ଏବଂ ଦୁଇ ବା ତିନି ଦିନର ଅବାଧ ଅରାଜକତାକୁ ଯଦିଓ ଶ୍ରୀଲଙ୍କା(୨୦୨୨) ବା ବାଂଲାଦେଶ(୨୦୨୪)ରେ ଘଟିଥିବା ଅନୁରୂପ ଘଟଣାକ୍ରମ ସହିତ ତୁଳନା କରାଯାଉଛି, ଏକ ଇତିହାସ ସୃଷ୍ଟିକାରୀ ଦୃଷ୍ଟାନ୍ତ ରୂପେ ଏହା କିଭଳି ଭିନ୍ନ, ତାହା ବିଶେଷ ପ୍ରଣିଧାନଯୋଗ୍ୟ। କେବଳ ସେତିକି ନୁହେଁ, ୧୯୯୯ ମସିହାରୁ ୨୦୧୨ ମସିହା ମଧ୍ୟରେ ଜନ୍ମ ଲାଭ କରିଥିବା 'ଜେନ୍ ଜେଡ୍' ରୂପେ ପରିଚିତ ପିଢ଼ିକୁ ପ୍ରତୀୟମାନ ବାସ୍ତବତାରେ ନିରୁଦ୍ଦିଷ୍ଟ ତଥା ଚିନ୍ତା ଓ ଦାୟିତ୍ୱମୁକ୍ତ ହାଲୁକା ବର୍ଗ ବୋଲି ଥିବା ଧାରଣାରୁ ଏହି ବିଦ୍ରୋହକୁ ନେଇ ପ୍ରଥମେ ଯେଉଁ ବ୍ୟାଖ୍ୟାନ ସୃଷ୍ଟି ହୋଇଥିଲା, ଇତିମଧ୍ୟରେ ତହିଁରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ମଧ୍ୟ ଘଟି ସାରିଲାଣି। ଶ୍ରୀଲଙ୍କା ଓ ବାଂଲାଦେଶ ପରେ ସମ୍ପ୍ରତି ନେପାଳରେ ପ୍ରତିପାଦିତ ହୋଇଛି ଯେ ଗଣତାନ୍ତ୍ରିକ ସରକାରଗୁଡ଼ିକର ମଧ୍ୟ ଶୀର୍ଷ ସ୍ଥାନୀୟ ନେତାମାନେ ତୃଣମୂଳୀୟ ବାସ୍ତବତା ନେଇ ଆତ୍ମଘାତୀ ଭାବେ ଅଜ୍ଞ!

ପ୍ରକାଶ ଥାଉ କି ଅତ୍ୟନ୍ତ ଦରିଦ୍ର ରାଷ୍ଟ୍ର ନେପାଳର ପ୍ରାୟ ୮% ନାଗରିକ, ଅର୍ଥାତ୍ ୩ କୋଟି ଜନସଂଖ୍ୟାରୁ ପାଖାପାଖି ୨୫ ଲକ୍ଷ କର୍ମ-ସଂସ୍ଥାନ ଅନ୍ୱେଷଣରେ ଦେଶ ବାହାରେ ପୃଥିବୀର ସର୍ବତ୍ର ବିକ୍ଷିପ୍ତ ଏବଂ ଉପଯୁକ୍ତ ଶିକ୍ଷା ତଥା ପ୍ରଶିକ୍ଷଣ ଅଭାବରୁ ଅଧିକାଂଶ ଅତ୍ୟନ୍ତ ନିମ୍ନ ସୋପାନର କାର୍ଯ୍ୟରେ ନିୟୋଜିତ। ଏକ ସୂତ୍ରରୁ ପ୍ରକାଶିତ ଯେ ଅନେକ ନେପାଳୀ ନାଗରିକ ସଂପ୍ରତି ରୋଜଗାର ସକାଶେ ରୁଷିଆ ପକ୍ଷରୁ ୟୁକ୍ରେନରେ ଯୁଦ୍ଧରତ। ନେପାଳ ସକାଶେ ଏହି ପ୍ରବାସୀମାନଙ୍କ ଅବଦାନ କିଭଳି ମହତ୍ତ୍ୱପୂର୍ଣ୍ଣ, ତାହା ଏଥିରୁ ଜଣାପଡ଼େ ଯେ ସେମାନଙ୍କ ସୂତ୍ରରୁ ଘରକୁ ଆସୁଥିବା ଅର୍ଥର ସ୍ରୋତ ହେଉଛି ନେପାଳର ଜାତୀୟ ଆୟ ବା ଜି.ଡି.ପି.ର ୩୩ ଶତାଂଶ (ଭାରତରେ ଏହା ମାତ୍ର ୩%)। ଏଭଳି ସ୍ଥଳେ 'ହ୍ୱାଟ୍ସଆପ୍' ଭଳି ବାର୍ତ୍ତା ପ୍ରସାରଣକାରୀ ସାମାଜିକ ଗଣମାଧ୍ୟମ ମଞ୍ଚ ସେମାନଙ୍କୁ ନିଜ ପରିବାର, ସମାଜ ଓ ଦେଶ ସହିତ ଯୋଡୁଥିବା ଝରକାତୁଲ୍ୟ ହୋଇଥାଏ, ଯାହାକୁ (ଅନ୍ୟାନ୍ୟ ୨୬ଟି ସାମାଜିକ ଗଣମାଧ୍ୟମ ମଞ୍ଚ ସହିତ) ସହସା ଓ ଏକାବେଳକେ ବନ୍ଦ କରିଦେବାର ଅର୍ଥ ହେଲା ସଂପର୍କର ଡୋରିକୁ ସମୂଳ ଛିନ୍ନ କରିଦେବା। କହିବା ବାହୁଲ୍ୟ ଯେ ତୃଣମୂଳୀୟ ବାସ୍ତବତା ସହିତ ପରିଚିତ ଥିବା କୌଣସି ବ୍ୟକ୍ତି ଏଭଳି ନିଷ୍ପତ୍ତି ନିଅନ୍ତା ନାହିଁ। ଏହା ମଧ୍ୟ ସ୍ମରଣରେ ଅଛି ଯେ ଏହିଭଳି ଏକ ଅବିମୃଶ୍ୟକାରୀ ତୁଗଲକୀ ନିଷ୍ପତ୍ତିଟିଏ ନେଇ ଶ୍ରୀଲଙ୍କାର ରାଷ୍ଟ୍ରପତି ମହେନ୍ଦ୍ର ରାଜପକ୍ଷ ନିଜ ହାତରେ ନିଜ କ୍ଷମତା ଲୁଣ୍ଠନ ପର୍ବର ସୂତ୍ରପାତ ଘଟାଇଥିଲେ। ତାଙ୍କ ଅଚାନକ ନିଷ୍ପତ୍ତି ଅନୁସାରେ ଶ୍ରୀଲଙ୍କା ରାତାରାତି ଏକ ଜୈବ କୃଷିର ରାଷ୍ଟ୍ର ରୂପେ ଘୋଷିତ ହୋଇଗଲା ଏବଂ ରାସାୟନିକ ସାର ଓ କୀଟନାଶକ ଔଷଧର ବ୍ୟବହାର ନିଷିଦ୍ଧ ହୋଇଗଲା। ଏହା ଦ୍ୱାରା ଯେଉଁ ସାଂଘାତିକ ଶସ୍ୟ ହାନି ଘଟିଲା, ତାହାର ପ୍ରତିକ୍ରିୟା ସ୍ୱରୂପ ଜନ ଆକ୍ରୋଶର ଦାବାନଳ ଜଳି ଉଠି ସରକାରକୁ ଭୂଲୁଣ୍ଠିତ କଲା।

ପ୍ରକାଶ ଥାଉ କି ପ୍ରଚଣ୍ଡ ବାମପନ୍ଥୀ ଆନ୍ଦୋଳନ ପରେ ୨୦୦୮ ମସିହାରେ ନେପାଳରେ ରାଜତନ୍ତ୍ରର ଅବସାନ ଘଟି ଗଣତନ୍ତ୍ର ପ୍ରତିଷ୍ଠିତ ହେଲା। କିନ୍ତୁ, ଏହି ୧୭ ବର୍ଷର ଅବଧି ମଧ୍ୟରେ ନେପାଳ ୧୪ ଥର ପ୍ରଧାନମନ୍ତ୍ରିତ୍ୱ ପରିବର୍ତ୍ତନ ଦେଖିଛି, ଯହିଁରେ କୌଣସି ଜଣେ ହେଲେ ପ୍ରଧାନମନ୍ତ୍ରୀ ତାଙ୍କ ପୂର୍ଣ୍ଣ କାର୍ଯ୍ୟକାଳ ସମାପ୍ତ କରିନାହାନ୍ତି, ଅଥଚ କ୍ଷମତା ଲୋଭରେ କଟ୍ଟର ବିରୋଧୀ ଦଳ ସହିତ ବିଭିନ୍ନ ଅବାନ୍ତର ସର୍ତ୍ତରେ ମେଣ୍ଟ କରି ସେହି ମୁଷ୍ଟିମେୟ ନେତାଗଣ ଏକାଧିକ ବାର ଗାଦିନସୀନ ହୋଇଛନ୍ତି। ଏହା ହୁଏତ ସତ ଯେ ନେପାଳବାସୀ ଏଭଳି କ୍ଷମତାଲୋଭୀ ଓ ଦୁର୍ନୀତିଗ୍ରସ୍ତ ନେତାମାନଙ୍କୁ ହୁଏତ ଭାଗ୍ୟର ବିଧାନ ବୋଲି ମନେ କରି ସହି ଯାଇଥାଆନ୍ତେ, ଯଦି ସେହି ରାଜନେତାମାନଙ୍କ ଦୁଲାଳମାନେ ବିଦେଶରେ ସେମାନଙ୍କ ଶିକ୍ଷାଦୀକ୍ଷା ଓ ବିଳାସପୂର୍ଣ୍ଣ ଜୀବନଯାପନର ଫଟୋ ଓ ଭିଡିଓମାନ 'ଇନ୍ଷ୍ଟାଗ୍ରାମ' ବା 'ଫେସ୍‌ବୁକ୍' ଭଳି ସାମାଜିକ ଗଣମାଧ୍ୟମ ମଞ୍ଚରେ 'ଅପଲୋଡ୍' କରୁ ନ ଥାଆନ୍ତେ ଓ ଜନସାଧାରଣଙ୍କ ପ୍ରଶ୍ନ, ପ୍ରତିକ୍ରିୟା ଓ ରୋଷର ଶିକାର ହୋଇ ନ ଥାଆନ୍ତେ; ଏବଂ ହୁଏତ ଏଭଳି ପ୍ରତିକ୍ରିୟା ମଧ୍ୟ ହୁଏତ ବିସ୍ଫୋରକ ହୁଅନ୍ତା ନାହିଁ, ଯଦି ସରକାର ଆଭ୍ୟନ୍ତରୀଣ ନିରାପତ୍ତାର ଆଳ ଦର୍ଶାଇ ଏହି ସବୁ ସାମାଜିକ ଗଣମାଧ୍ୟମ ମଞ୍ଚକୁ ବନ୍ଦ କରି ଦେଇ ନ ଥାଆନ୍ତେ। ସରକାରଙ୍କ ଦ୍ୱାରା ଉପସ୍ଥାପିତ ସବୁ କାରଣ ସତ୍ତ୍ୱେ ଧାରଣା ବଦ୍ଧମୂଳ ହୋଇଥିଲା ଯେ ନାଗରିକଙ୍କ ସମାଲୋଚନା ରୋକିବା ଲାଗି ମୁକ୍ତ ଅଭିବ୍ୟକ୍ତିର ମାର୍ଗକୁ ଅବରୋଧ କରି ଦିଆଗଲା। ତୀବ୍ର ଆର୍ଥିକ ବୈଷମ୍ୟ, ଧନାଢ୍ୟ ବର୍ଗଙ୍କ ଦ୍ୱାରା ସମ୍ପଦର ଉଲଙ୍ଗ ପ୍ରଦର୍ଶନ ଓ କ୍ରୂର ବାସ୍ତବତା ସହିତ ଅସମ୍ପୃକ୍ତ ବର୍ଗଙ୍କ ହାତରେ ଶାସନର ଭାର କିଭଳି ପରିଣାମ ସୃଷ୍ଟି କରିଥାଏ, ତାହାର ଦୃଷ୍ଟାନ୍ତ ଦୁଇ ଶହରୁ ଅଧିକ ବର୍ଷ ପୂର୍ବର ଫରାସୀ ବିପ୍ଲବରୁ ମିଳିଥିଲା। ଫରାସୀ ସମ୍ରାଟ ଚତୁର୍ଦ୍ଦଶ ଲୁଇଙ୍କ ଦ୍ୱାରା ବିପୁଳ ରାଜକୋଷୀୟ ଅର୍ଥ ବ୍ୟୟରେ ନିର୍ମିତ ବର୍ଣ୍ଣନାତୀତ ଭାବେ ଭବ୍ୟ 'ଭର୍ସେଲସ ରାଜପ୍ରାସାଦ' ହିଁ ଥିଲା ତତ୍କାଳୀନ ଅତି ଦରିଦ୍ର ଫରାସୀ ଜନସାଧାରଣଙ୍କ ସକାଶେ ତୀବ୍ର ମର୍ମ ଜ୍ୱଳନର କାରଣ, ଯାହା ଅବଲୀଳା କ୍ରମେ ଫରାସୀ ବିପ୍ଳବକୁ ଜନ୍ମ ଦେଇ ସେଠାରେ ରାଜତନ୍ତ୍ରର ଉନ୍ମୂଳନ ଘଟାଇଥିଲା। ପ୍ରକାଶ ଥାଉ କି ରାଜତନ୍ତ୍ରରେ ଶାସକ ଓ ଶାସିତଙ୍କ ମଧ୍ୟରେ ତୀବ୍ର ବୈଷମ୍ୟ ପ୍ରାୟତଃ ଏକ ପ୍ରକାର ସ୍ୱାଭାବିକତା ଲାଭ କରିଥାଏ। ମାତ୍ର, ନେପାଳ ତ ଏକ ଗଣତନ୍ତ୍ର!

କ୍ରମେ ହୃଦ୍‌ବୋଧ ହେଲାଣି ଯେ ସମାଜ ଉପରେ ବିଭିନ୍ନ ପ୍ରକାର କୁପ୍ରଭାବ ବା ରାଷ୍ଟ୍ରର ନିରାପତ୍ତା ଓ ସଂହତି ଉପରେ ବିପଦ ଭଳି କାରଣ ସତ୍ତ୍ୱେ ସରକାରଗୁଡ଼ିକ ଦ୍ୱାରା ସାମାଜିକ ଗଣମାଧ୍ୟମ ମଞ୍ଚ ଉପରେ ନିୟନ୍ତ୍ରଣର ଉଦ୍ୟମକୁ ମୁକ୍ତ ଅଭିବ୍ୟକ୍ତି ଉପରେ ଆକ୍ରମଣ ବୋଲି ଅଭିହିତ କରାଯାଇ ଭବିଷ୍ୟତରେ ଜନ ବିପ୍ଳବମାନ ସୃଷ୍ଟି ହେବା ଅନିବାର୍ଯ୍ୟ; କାରଣ ପୃଥିବୀର ସବୁ କୋଣ-ଅନୁକୋଣରେ ମୁକ୍ତ ମତମାନ ଦୃଶ୍ୟ ଓ ଶ୍ରାବ୍ୟ ହେବା ଲାଗି ସାମାଜିକ ଗଣମାଧ୍ୟମ ହିଁ ହେଉଛି ଏକମାତ୍ର ଅବାଧ ରାଜପଥ। ନେପାଳ ଘଟଣାରୁ କ୍ଷମତାଧାରୀ ବର୍ଗ ହୁଏତ ଏହା ମଧ୍ୟ ହୃଦୟଙ୍ଗମ କରିଥିବେ ଯେ ଜନ ପ୍ରତିକ୍ରିୟା ବା ସମାଲୋଚନାକୁ ଆତ୍ମ-ପରିମାର୍ଜନରେ ଉପଯୋଗ କରାଯାଇପାରେ ବା ତାକୁ ନିରବରେ ସହ୍ୟ କରି କ୍ରମେ ଚର୍ବିତଚର୍ବଣ ଅପ୍ରାସଙ୍ଗିକତାରେ ପରିଣତ କରି ଦିଆଯାଇପାରେ, କିନ୍ତୁ ତାହାକୁ ନିୟନ୍ତ୍ରଣ କରିବାର ଉଦ୍ୟମ କରି 'ହାରାକିରି' କରାଯାଇ ନ ପାରେ। ଏହା ମଧ୍ୟ ସ୍ୱୀକାର କରିବାକୁ ହେବ ଯେ 'ଜେନ୍ ଜେଡ୍' ପିଢ଼ି ସକାଶେ ପ୍ରତୀୟମାନ ବାସ୍ତବତା ଠାରୁ ବାସ୍ତବ ପୃଥିବୀ ଅସଂଲଗ୍ନ ନୁହେଁ; ଏବଂ ସେମାନଙ୍କଠାରୁ ଏହି ବାସ୍ତବତାକୁ ଅପହରଣ କରି ନେବାର ଉଦ୍ୟମ ସମ୍ପୂର୍ଣ୍ଣ ଅପରିଣାମଦର୍ଶୀ। ତେବେ, ନେପାଳ ବିଦ୍ରୋହରେ ନିହିତ ଅସଙ୍ଗତିଟି ହେଲା ଏହାକୁ ଦିଗ ଦେଖାଇବାକୁ କୌଣସି ନେତା ସୃଷ୍ଟି ହୋଇପାରି ନ ଥିଲେ, ଯଦ୍ଦ୍ୱାରା ଆନ୍ଦୋଳନଟି ଏକ ଉନ୍ମତ୍ତ ଓ ଅରାଜକ ଭିଡ଼ ହିଂସାକୁ ପତିତ ହୋଇଗଲା। ଏହି ସନ୍ଦର୍ଭରେ ପ୍ରକାଶିତ ପୂର୍ବବର୍ତ୍ତୀ ସଂପାଦକୀୟ 'ଅମ୍ଳଜାନ ହରଣ'ରେ କୁହାଯାଇଥିଲା କିଭଳି ସାମାଜିକ ଗଣମାଧ୍ୟମ 'ଜେନ୍ ଜେଡ୍' ପିଢ଼ିଙ୍କ ସକାଶେ ଅମ୍ଳଜାନତୁଲ୍ୟ ହୋଇଥାଏ, ଯାହାର ହରଣ ଏଭଳି ସ୍ଥିତି ସୃଷ୍ଟି କଲା। ଏକ ଭିନ୍ନ ପ୍ରସଙ୍ଗରେ 'ଅମ୍ଳଜାନ ହରଣ'କୁ ନେଇ ସୁଫି ଗଳ୍ପଟିଏ ମନେପଡ଼େ, ଯାହା ଅନୁସାରେ ଈଶ୍ୱର ପ୍ରାପ୍ତି ଲକ୍ଷ୍ୟ ରଖିଥିବା ଜଣେ ଶିଷ୍ୟର ମୁଣ୍ଡକୁ ଗୁରୁ ମହୋଦୟ ଏକ ପାଣିଭରା ପାତ୍ର ଭିତରେ ବେଶ୍ କିଛି ସମୟ ଜବରଦସ୍ତ ବୁଡ଼ାଇ ରଖି ଛାଡ଼ିଦେବା ପରେ ଅଣନିଃଶ୍ୱାସୀ ଶିଷ୍ୟଟି ଅମ୍ଳଜାନ ଟିକିଏ ପାଇବା ଲାଗି ନାକ ପାଟି ମେଲା କରି ପ୍ରଶ୍ୱାସ ନେଉଥିବା ବେଳେ ଗୁରୁ କହିଥିଲେ ଯେ କେବଳ ଇଚ୍ଛା କି ଆଗ୍ରହ ନୁହେଁ, ଏଭଳି ଆତୁରତା ସୃଷ୍ଟି ନ ହେଲେ ଲକ୍ଷ୍ୟ ପ୍ରାପ୍ତି ସମ୍ଭବ ନୁହେଁ। ନେପାଳରେ 'ଅମ୍ଳଜାନ ହରଣ' ବୋଧହୁଏ ଦୁର୍ନୀତିଗ୍ରସ୍ତ ଶାସନର ସମାପ୍ତି ଲାଗି ଏଭଳି ଆତୁରତା ସୃଷ୍ଟି କରିଥିଲା!

# ଡଲାର ତୁଳନାରେ ପୁଣି କମିଲା 'ଟଙ୍କା' ମୂଲ୍ୟ

ନୂଆଦିଲ୍ଲୀ: ଆମେରିକା ପକ୍ଷରୁ ବର୍ଦ୍ଧିତ ଶୁଳ୍କ ଏବଂ ଏହାସହ ସୃଷ୍ଟି ହୋଇଥିବା ବାଣିଜ୍ୟ ଅନିଶ୍ଚିତତା ବୃଦ୍ଧି ପାଉଥିବା ବେଳେ ଏହାର ପ୍ରଭାବ ଭାରତୀୟ ଅର୍ଥନୀତିକୁ ଖରାପ କରିଚାଲିଛି। ଗୁରୁବାର ପୁଣିଥରେ ଭାରତୀୟ ରୁପି' ଟଙ୍କା ଆମେରିକାର ଡଲାର ତୁଳନାରେ ସର୍ବକାଳୀନ ନିମ୍ନସ୍ତରରେ ଅର୍ଥାତ୍ ୮୮.୪୪୨୫ରେ ପହଞ୍ଚିଛି। ଗୁରୁବାର ଅପରାହ୍ନ ୨:୨୦ ସୁଦ୍ଧା, ଭାରତର 'ମୁଦ୍ରା' ମୂଲ୍ୟ ଡଲାର ତୁଳନାରେ ୮୮.୪୪୨୫ରେ କାରବାର କରୁଥିଲା, ଯାହା ପୂର୍ବ କାରବାର ଦିନ ଅର୍ଥାତ୍ ବୁଧବାର ବନ୍ଦ ହୋଇଥିବା ୮୮.୧୨୮୮ ତୁଳନାରେ ୩୪ ପଇସା ହ୍ରାସ ବୋଲି ସ୍ପଷ୍ଟ ହୋଇଛି। ସିଧାସଳଖ କହିଲେ ବୁଧବାର ସୁଦ୍ଧା ଯେଉଁଠି ଡଲାର ତୁଳନାରେ ଟଙ୍କା ମୂଲ୍ୟ ହ୍ରାସ ସହିତ ୮୮.୧୨୮୮ ରହିଥିଲା ସେତେବେଳେ ଗୁରୁବାର ଏହା ଆହୁରି ୩୪ପଇସା ହ୍ରାସ ପାଇଛି।


ନିକଟ ଅତୀତରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଟଙ୍କାର ଏପ୍ରକାର ଅବମୂଲ୍ୟାୟନକୁ ରୋକିବା ଦିଗରେ ଅବଶ୍ୟ ହସ୍ତକ୍ଷେପ କରିଛି ଏବଂ କେତେକ ପଦକ୍ଷେପ ଗ୍ରହଣ କରିଛି। ତେବେ ଏସବୁର ସକାରାତ୍ମକ ପ୍ରଭାବ ଆଗାମୀ ଦିନରେ ହୁଏତ ଦେଖିବାକୁ ମିଳିପାରେ। ବଜାର ଅଂଶଗ୍ରହଣକାରୀମାନେ ବିଶ୍ୱାସ କରନ୍ତି ଯେ କେନ୍ଦ୍ରୀୟ ବ୍ୟାଙ୍କ ଆରବିଆଇ ଏପ୍ରକାର ଅସ୍ଥିରତାକୁ କମ୍ କରିବା ପାଇଁ ଡଲାର ବିକ୍ରୟ ଭଳି ନିଷ୍ପତ୍ତି ଗ୍ରହଣ କରିପାରେ। କାରଣ ଆଗାମୀ ଦିନରେ ଟଙ୍କାର ଦୁର୍ବଳତା ଜାରି ରହିପାରେ ବୋଲି ଆଇଏଫଏ ଗ୍ଲୋବାଲର ସିଇଓ ଅଭିଷେକ ଗୋଏଙ୍କା ମତ ଦେଇଛନ୍ତି। ପ୍ରକାଶ ଚଳିତ ବର୍ଷ ଭାରତର ଋଣ ଓ ଇକ୍ୱିଟି ବଜାରରୁ ୧୧.୭ ବିଲିଅନ ଡଲାର ବିଦେଶୀ ନିବେଶ ପ୍ରତ୍ୟାହାର ହୋଇଛି।

ସୂଚନାଯୋଗ୍ୟ କେବଳ ଭାରତୀୟ ମୁଦ୍ରା ନୁହେଁ ବରଂ ଏସିଆ ମହାଦେଶର ସମସ୍ତ ଦେଶଗୁଡ଼ିକ ପାଇଁ ସମାନ ପରିସ୍ଥିତି ଉତ୍ପନ୍ନ ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସାମ୍ପ୍ରତିକ ଉଚ୍ଚ ଶୁଳ୍କ ଲାଗୁ କରାଯିବା ଦ୍ୱାରା ଭାରତର ରପ୍ତାନି କ୍ଷତିଗ୍ରସ୍ତ ହୋଇଛି ଯାହା ଫଳରେ ମୁଦ୍ରା ପାଇଁ ଆଗକୁ ବଢ଼ିବାର ସମ୍ଭାବନା ମଧ୍ୟ କ୍ଷୀଣ ହୋଇଛି। ତେବେ ଦେଶର ରପ୍ତାନିକାରୀଙ୍କୁ ସମର୍ଥନ ପ୍ରଦାନ କରିବା ଏବଂ ଘରୋଇ ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସରକାର ସମ୍ପ୍ରତି ଜିଏସଟି ହ୍ରାସ ପ୍ରକ୍ରିୟା ଆରମ୍ଭ କରିଛନ୍ତି। କିନ୍ତୁ ଏହାର ଲାଭ ତତ୍କାଳୀନ ନୁହେଁ ବରଂ କିଛି ସମୟର ବ୍ୟବଧାନ ପରେ ମିଳିବ ବୋଲି କୁହାଯାଉଛି। ଏସବୁ ମଧ୍ୟରେ ଏକ ସକାରାତ୍ମକ ସୂଚନା ସାମ୍ନାକୁ ଆସିଛି ଯେ, ଉଭୟ ଟ୍ରମ୍ପ ଏବଂ ମୋଦୀ ଏବେ ବିଚାରାଧୀନ ଥିବା ଦ୍ୱିପାକ୍ଷିକ ବାଣିଜ୍ୟ ସମସ୍ୟାର ସମାଧାନ ପାଇଁ ଆଲୋଚନା ଜାରି ରଖିବା ପାଇଁ ନିଜ ନିଜ ହିସାବରେ ସଂକେତ ଦେଇଛନ୍ତି।

# ଉପରାଷ୍ଟ୍ରପତି ଭାବେ ଶପଥ ନେଲେ ସିପି ରାଧାକ୍ରିଷ୍ଣନ୍

ନୂଆଦିଲ୍ଲୀ: ଭାରତର ୧୫ତମ ଉପରାଷ୍ଟ୍ରପତି ଭାବେ ତଥା ରାଜ୍ୟସଭା ଅଧ୍ୟକ୍ଷ ଭାବେ ଶପଥ ଗ୍ରହଣ କରିଛନ୍ତି ସିପି ରାଧାକ୍ରିଷ୍ଣନ୍। ନୂଆଦିଲ୍ଲୀ ସ୍ଥିତ ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ, ରାଧାକ୍ରିଷ୍ଣନ୍‌ଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ସବୁଠୁ ବଡ଼କଥା ହେଉଛି, ଆଜିର ଏହି ଶପଥ ସମାରୋହରେ ବିଦାୟୀ ଉପରାଷ୍ଟ୍ରପତି ଜଗଦୀପ ଧନଖଡ ମଧ୍ୟ ସାମିଲ ହୋଇଥିଲେ। ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ୨୧ ଜୁଲାଇରେ ନିଜ ପଦରୁ ଇସ୍ତଫା ଦେବା ଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଅର୍ଥାତ୍ ପ୍ରାୟ ୫୦ଦିନରୁ ଅଧିକ ସମୟ ଧରି କୌଣସି ସରକାରୀ କିମ୍ବା ସର୍ବସାଧାରଣ କାର୍ଯ୍ୟକ୍ରମରେ ଧନଖଡଙ୍କୁ ଦେଖିବାକୁ ମିଳିନଥିବା ବେଳେ ଆଜି କିନ୍ତୁ ସପତ୍ନୀକ ଦେଖିବାକୁ ମିଳିଥିଲା। ସେ ନିଜ ପତ୍ନୀ ସୁଦେଶ ଧନଖଡଙ୍କ ସହ ଶପଥ ସମାରୋହରେ ସାମିଲ ହୋଇଥିଲେ।

ରାଧାକ୍ରିଷ୍ଣନ୍‌ଙ୍କ ଶପଥଗ୍ରହଣ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼, ହମିଦ୍ ଅନସାରୀ, ଭେଙ୍କୟା ନାଇଡୁ, କ୍ୟାବିନେଟ ମନ୍ତ୍ରୀ ଏବଂ ରାଜ୍ୟସଭାରେ ବିରୋଧୀ ଦଳ ନେତା ଏବଂ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖର୍ଗେ ପ୍ରମୁଖ ଉତ୍ସବରେ ଯୋଗ ଦେଇଥିଲେ।



ସେହିପରି ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ. ଚନ୍ଦ୍ରବାବୁ ନାଇଡୁ ଏବଂ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ୍‌ଙ୍କ ଅନେକ ନେତା ମଧ୍ୟ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ତେବେ ନେତା ମନ୍ତ୍ରୀମାନଙ୍କ ସିଟିଂ ଆରେଜମେଣ୍ଟକୁ ନେଇ ସାମାନ୍ୟ ସମସ୍ୟା ଦେଖିବାକୁ ମିଳିଥିଲା। କଂଗ୍ରେସର ବରିଷ୍ଠ ନେତା ଖର୍ଗେଙ୍କୁ ଦ୍ୱିତୀୟ ଧାଡିରେ ବସିବାକୁ କୁହାଯାଇଥିଲା, ଯେତେବେଳେ କି ଅନ୍ୟାନ୍ୟ ବିରୋଧୀ ଦଳଗୁଡ଼ିକର ଫ୍ଲୋର ନେତାମାନେ ପଞ୍ଚମ ଧାଡିରେ ବସିଥିଲେ। ମହାରାଷ୍ଟ୍ରର ଉପ-ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଚତୁର୍ଥ ଧାଡିରେ ବସିଥିଲେ। ଶପଥ ସମାରୋହ ପରେ ପରେ ରାଧାକ୍ରିଷ୍ଣନ୍ ସଂସଦରେ ଦଳର ଫ୍ଲୋର ନେତାମାନଙ୍କ ସହିତ ଏକ ବୈଠକ କରିଥିଲେ। ତେବେ ତୃଣମୂଳ କଂଗ୍ରେସ, ବିଜୁ ଜନତା ଦଳ (ବିଜେଡି), ଏନ୍‌ସିପି (ଏସ୍‌ପି) ଏବଂ ଶିବସେନା (ୟୁବିଟି) ସାଂସଦମାନେ ସଂକ୍ଷିପ୍ତ ନୋଟିସ୍ ଦେଇ ବୈଠକରୁ ବାହାରିଯାଇଥିଲେ। ରାଧାକ୍ରିଷ୍ଣନ୍ ବୈଠକରେ ବିରୋଧୀ ସାଂସଦଙ୍କୁ ଗୃହକାର୍ଯ୍ୟରେ ସମର୍ଥନ କରିବାକୁ ଅନୁରୋଧ କରିଥିଲେ। ତେବେ ଆଜିର ଶପଥ ଗ୍ରହଣ ପୂର୍ବରୁ ସେ ରାଜଘାଟ ଯାଇ ମହାତ୍ମା ଗାନ୍ଧୀଙ୍କୁ, ସଦୈବ ଅଟଳରେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କୁ ଏବଂ କିଷାନ ଘାଟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଚରଣ ସିଂହଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେ ସଂସଦ ଭବନରେ ପ୍ରେରଣା ସ୍ଥଳ ମଧ୍ୟ ପରିଦର୍ଶନ କରିଥିଲେ, ଯେଉଁଠାରେ ନୂତନ ସଂସଦ ନିର୍ମାଣ ଯୋଗୁଁ ବିସ୍ଥାପିତ ପ୍ରତିମୂର୍ତ୍ତିଗୁଡ଼ିକୁ ସ୍ଥାନାନ୍ତରିତ କରାଯାଇଛି। ସଂସଦ ଭବନରେ, ରାଧାକ୍ରିଷ୍ଣନ୍‌ଙ୍କୁ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ, ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ, ରାଜ୍ୟମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏବଂ ଏଲ. ମୁରୁଗାନ ଏବଂ ରାଜ୍ୟସଭା ସଚିବ-ଜେନରାଲ ପି.ସି. ମୋଦୀ ପ୍ରମୁଖ ସ୍ୱାଗତ କରିଥିଲେ। ମନ୍ତ୍ରୀ ଏବଂ ରାଜ୍ୟସଭା ଅଧିକାରୀଙ୍କ ଉପସ୍ଥିତିରେ ସେ ସଂସଦ ପରିସରରେ ଏକ ଚାରା ମଧ୍ୟ ରୋପଣ କରିଥିଲେ।

# ନେପାଳକୁ ମିଳିଲା ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ, ଶପଥ ନେଲେ ସୁଶୀଳା କାର୍କି

କାଠମାଣ୍ଡୁ: ଶେଷରେ ନେପାଳକୁ ମିଳିଛି ନୂଆ ପ୍ରଧାନମନ୍ତ୍ରୀ। ଦେଶର ଅନ୍ତରୀଣ ପ୍ରଧାନମନ୍ତ୍ରୀ ଭାବେ ସୁଶୀଳା କାର୍କି ଶପଥ ଗ୍ରହଣ କରିଛନ୍ତି। ଏଥିସହ ସୁଶୀଳା କାର୍କି ନେପାଳର ପ୍ରଥମ ମହିଳା ଅନ୍ତରୀଣ ପ୍ରଧାନମନ୍ତ୍ରୀ ହେବାର ଆଉ ଏକ କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଏହାପୂର୍ବରୁ ସେ ନେପାଳର ପ୍ରଥମ ମହିଳା ମୁଖ୍ୟ ବିଚାରପତି ହେବାର ମଧ୍ୟ ଗୌରବ ହାସଲ କରିଥିଲେ। ତେବେ ଶୁକ୍ରବାର ରାତିରେ ରାଷ୍ଟ୍ରପତି ଭବନ ଶୀତଳ ନିବାସରେ ରାଷ୍ଟ୍ରପତି ରାମଚନ୍ଦ୍ର ପାଉଡେଲ ତାଙ୍କୁ ଶପଥ ପାଠ କରାଇଛନ୍ତି। ତେବେ ବର୍ତ୍ତମାନ ସମୟ ପାଇଁ ଅନ୍ୟ କାହାକୁ ମନ୍ତ୍ରୀ କରାଯାଇନାହିଁ।

ନେପାଳରେ ଯୁବଗୋଷ୍ଠୀଙ୍କ ସରକାର ବିରୋଧୀ ହିଂସକ ବିକ୍ଷୋଭ ପ୍ରଦର୍ଶନ ପରେ କ୍ଷମତା ପରିବର୍ତ୍ତନ ହୋଇଥିଲା। ପରେ ସୁଶୀଳା କାର୍କିଙ୍କ ସହ ଆଉ କିଛି ନେତାଙ୍କ ନାମ ପ୍ରଧାନମନ୍ତ୍ରୀ ପଦ ପାଇଁ ଚର୍ଚ୍ଚାକୁ ଆସିଥିଲେ ମଧ୍ୟ ଶେଷରେ ସୁଶୀଳାଙ୍କ ନାମରେ ମୋହର ବାଜିଥିଲା। ନେପାଳର ଯୁବପିଢ଼ି (ଜେନ୍-ଜେଡ୍), ସେନାବାହିନୀ, ରାଷ୍ଟ୍ରପତିଙ୍କ ମିଳିତ ବୈଠକରେ ସୁଶୀଳାଙ୍କୁ ପ୍ରଧାନମନ୍ତ୍ରୀ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ମିଳିତ ସମର୍ଥନ ସହକାରେ ସୁଶୀଳା କାର୍କି ଆଜି ଶପଥ ଗ୍ରହଣ କରିଛନ୍ତି। ସୁଶୀଳା କାର୍କି ନେପାଳର ପ୍ରଥମ ମହିଳା ମୁଖ୍ୟ ବିଚାରପତି ଭାବେ ଦୀର୍ଘ ସମୟ ଧରି ଦାୟିତ୍ୱ ନିର୍ବାହ କରିଆସିଛନ୍ତି। ସେ ଜଣେ ଭ୍ରଷ୍ଟାଚାର ତଥା ଦୁର୍ନୀତି ବିରୋଧୀ ବ୍ୟକ୍ତିତ୍ୱ ଭାବେ ପରିଚିତ। ଏଥିସହ ତାଙ୍କର ଭାରତ ପ୍ରତି ଆଭିମୁଖ୍ୟ ମଧ୍ୟ ଅନେକମାତ୍ରାରେ ସକାରାତ୍ମକ ରହିଛି। ସେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ (ବିଏଚ୍‌ୟୁ)ରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ଏସବୁ ମଧ୍ୟରେ ରାଷ୍ଟ୍ରପତି ପାଉଡେଲ୍ ଘୋଷଣା କରିଛନ୍ତି ଯେ ସୁଶୀଳାଙ୍କ ନେତୃତ୍ୱରେ ଏବେ ନେପାଳର ସରକାର ଚାଲିବ। ଆଗାମୀ ୬ ମାସ ମଧ୍ୟରେ ସଂସଦର ନୂତନ ନିର୍ବାଚନ ଅନୁଷ୍ଠିତ ହେବ। ଅନ୍ୟପକ୍ଷେ ଜେନ୍-ଜେଡ୍ ନେତାମାନେ ଏହି ସରକାରରେ ଯୋଗ ଦେବାକୁ ମନା କରିଦେଇଛନ୍ତି। ସେମାନେ କହିଛନ୍ତି ଯେ ସେମାନେ ସରକାରରେ ଯୋଗଦେବେ ନାହିଁ, କିନ୍ତୁ ସରକାରଙ୍କ କାର୍ଯ୍ୟଧାରା ଉପରେ ନଜର ରଖିବେ। ପ୍ରକାଶ, ନେପାଳରେ ଗତ ୯ ତାରିଖରେ ଜେନ୍-ଜେଡ୍ ଆନ୍ଦୋଳନକାରୀମାନଙ୍କ ବିକ୍ଷୋଭ ଯୋଗୁଁ ସେଠାକାର ସରକାର ଇସ୍ତଫା ଦେଇଥିଲେ। ଆନ୍ଦୋଳନକାରୀମାନେ ସଂସଦ, ରାଷ୍ଟ୍ରପତି ଭବନ ଏବଂ ବିଦାୟୀ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କ ବ୍ୟକ୍ତିଗତ ବାସଗୃହକୁ ନିଆଁ ଲଗାଇ ଦେଇଥିଲେ। ଏହି ହିଂସାରେ ଏପର୍ଯ୍ୟନ୍ତ ୫୧ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୦୦୦ରୁ ଅଧିକ ଲୋକ ଆହତ ହୋଇଥିବା କୁହାଯାଉଛି।

# ଚାର୍ଲି କିର୍କଙ୍କ ହତ୍ୟାକାରୀ ଗିରଫ

ୱାଶିଂଟନ: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘନିଷ୍ଠ ସହଯୋଗୀ ତଥା ୩୧ ବର୍ଷୀୟ କଞ୍ଜରଭେଟିଭ୍ ଆକ୍ଟିଭିଷ୍ଟ ଚାର୍ଲି କିର୍କଙ୍କୁ ଗୁଳିକରି ହତ୍ୟା କରିଥିବା ଅଭିଯୁକ୍ତକୁ ଗିରଫ କରାଯାଇଛି। ଗିରଫଦାରୀ ସମ୍ପର୍କରେ ନିଜେ ଟ୍ରମ୍ପ ସୂଚନା ଦେଇଛନ୍ତି। ଟ୍ରମ୍ପ କହିଛନ୍ତି, ଅଭିଯୁକ୍ତକୁ ଧରାଇବାରେ ତାହାର ଜଣେ ନିକଟତର ବ୍ୟକ୍ତି ପୁଲିସକୁ ସୂଚନା ଦେଇଥିଲା। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଫକ୍ସ ନ୍ୟୁଜ୍ ସହ କଥାବାର୍ତ୍ତା ସମୟରେ କହିଛନ୍ତି, 'ମୁଁ ବହୁତ ଆଶାବାଦୀ ଯେ ଆମେ ସଠିକ୍ ଅଭିଯୁକ୍ତକୁ ଧରିଛୁ। ସେ ଏବେ ହେପାଜତରେ ଅଛି।' ଅନ୍ୟପକ୍ଷେ ନ୍ୟୁୟର୍କ ପୋଷ୍ଟ ଅନୁଯାୟୀ, ଚାର୍ଲି କିର୍କ ହତ୍ୟା ମାମଲାର ସନ୍ଦିଗ୍ଧ ଅଭିଯୁକ୍ତକୁ ଟାଇଲର ରବିନସନ ଭାବରେ ଚିହ୍ନଟ କରାଯାଇଛି।

୩୧ ବର୍ଷୀୟ ଚାର୍ଲି 'ଟର୍ଣ୍ଣିଂ ପଏଣ୍ଟ ୟୁଏସ୍ଏ' ଏବଂ 'ୟୁଥ୍ ଇନ୍ ଆମେରିକା' ଭଳି ସଂସ୍ଥାଗୁଡ଼ିକର ପ୍ରତିଷ୍ଠାତା ଥିଲେ। ତେବେ ଓରେମର ଉଟାହ ଭ୍ୟାଲି ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ଏକ ଜନସଭାକୁ ଚାର୍ଲି ସମ୍ବୋଧିତ କରୁଥିବା ବେଳେ ତାଙ୍କୁ କେହିଜଣେ ଦୁର୍ବୃତ୍ତ ଗୁଳିମାଡ଼ କରିଥିଲା। ଗୁଳିଟି ଚାର୍ଲିଙ୍କ ବେକରେ ବାଜିଥିଲା ଏବଂ ଘଟଣାସ୍ଥଳରେ ହିଁ ସେ ଟଳିପଡିଥିଲେ। ଚାର୍ଲି ଏକ ଚୌକିରେ ବସି ମାଇକ୍ରୋଫୋନ୍ ଯୋଗେ ନିଜ ଭାଷଣ ଦେଉଥିବା ବେଳେ ପ୍ରାୟ ୨୦୦ ମିଟର ଦୂରତାରେ ଥିବା ଏକ ବିଲ୍ଡିଂର ଛାତ ଉପରୁ ଅଭିଯୁକ୍ତଜଣକ ଗୁଳି ଚଳାଇଥିଲା। ଏଥିରୁ ଗୁଳି ଚଳାଇଥିବା ଦୁର୍ବୃତ୍ତଜଣକ ପେଶାଦାର ସୁଟର ହୋଇପାରେ ବୋଲି ଏଫ୍‌ବିଆଇ ଅନୁମାନ କରୁଛି। ଏଫ୍‌ବିଆଇ ଏହି ହତ୍ୟାକାଣ୍ଡରେ ବ୍ୟବହୃତ ବନ୍ଧୁକ ଜବତ କରିଥିଲା ଓ ପରେ ପରେ ଅଭିଯୁକ୍ତର ଏକ ଫଟୋ ମଧ୍ୟ ଜାରି କରାଯାଇଥିଲା। ପ୍ରକାଶ, ଚାର୍ଲି ଜଣେ ପୋଡକାଷ୍ଟର ଭାବେ ସେ ଯୁବପିଢିଙ୍କ ମଧ୍ୟରେ ବେଶ୍ ପରିଚିତ ଥିଲେ। ପ୍ରକାଶ, ଚାର୍ଲିଙ୍କ ସମ୍ମାନାର୍ଥେ ଆମେରିକାରେ ରାଷ୍ଟ୍ରୀୟ ଶୋକ ପାଳନ ସହ ଜାତୀୟ ପତାକାକୁ ଅର୍ଦ୍ଧନମିତ ରଖିବାକୁ ଟ୍ରମ୍ପ ନିର୍ଦ୍ଦେଶ ଦେଇଛନ୍ତି।

# ଫ୍ରାନ୍ସରେ ତେଜିଲା ସରକାର ବିରୋଧୀ ଆନ୍ଦୋଳନ

ପ୍ୟାରିସ: ନେପାଳ ପରେ ଏବେ ଫ୍ରାନ୍ସରେ ମଧ୍ୟ ସରକାରଙ୍କ ବିରୋଧରେ ପ୍ରତିବାଦ ଆରମ୍ଭ ହୋଇଛି। ଯଦିଓ ଆଜି ପର୍ଯ୍ୟନ୍ତ ଫ୍ରାନ୍ସରେ ସରକାର ବିରୋଧୀ ଜନଆଭିମୁଖ୍ୟ ରହିଥିଲା, କିନ୍ତୁ ଫ୍ରାନ୍ସବାସୀ ଏପ୍ରକାର ରାଜରାସ୍ତାକୁ ଓହ୍ଲାଇ ବିକ୍ଷୋଭ କରିନଥିଲେ। କିନ୍ତୁ ଫ୍ରାନ୍ସ ସରକାର ବ୍ୟୟବରାଦିତ ବାର୍ଷିକ ବଜେଟ୍‌ରେ କାଣ୍ଟଛାଣ୍ଟ କରିବାକୁ ନେଇ ଫ୍ରାନ୍ସବାସୀ ଏବେ ରାଜରାସ୍ତାକୁ ଓହ୍ଲାଇଛନ୍ତି। ଦେଶର ତୃଣମୂଳ ସଂଗଠନ ଏବଂ ବାମପନ୍ଥୀ ଦଳଗୁଡ଼ିକ ଦ୍ୱାରା ଫ୍ରାନ୍ସ ବନ୍ଦ ଡାକରା ଦିଆଯାଇଛି। ଏହି ପ୍ରଦର୍ଶନକୁ 'ବ୍ଲକ୍ ଏଭ୍ରିଥିଙ୍ଗ' ବା 'ସବୁକିଛି ଅବରୋଧ କର' ଆନ୍ଦୋଳନର ନାମ ଦିଆଯାଇଛି। ଅନ୍ୟପକ୍ଷେ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ୍ ଦେଶର ନୂଆ ପ୍ରଧାନମନ୍ତ୍ରୀ ଭାବେ ୩୯ ବର୍ଷୀୟ ସେବାଷ୍ଟିଆନ ଲେକୋର୍ଣ୍ଣୁଙ୍କୁ ନିଯୁକ୍ତି କରିବାକୁ ନେଇ ମଧ୍ୟ ଜନତାଙ୍କ ମଧ୍ୟରେ ଅସନ୍ତୋଷର ମାତ୍ରା ଅଧିକ ବଢ଼ିଯାଇଛି। ଏବେ ମାକ୍ରନ୍‌ଙ୍କ ତୁରନ୍ତ ଇସ୍ତଫା ଦାବି କରି ବୁଧବାର ୧ ଲକ୍ଷରୁ ଅଧିକ ଲୋକ ରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ ଆରମ୍ଭ କରିଦେଇଛନ୍ତି। ଏସବୁ ମଧ୍ୟରେ ଗୃହମନ୍ତ୍ରୀ ବ୍ରୁନୋ ରେଟେଓ ଅଭିଯୋଗ କରି କହିଛନ୍ତି, ପ୍ରତିବାଦକାରୀମାନେ ଦେଶରେ ଉଦ୍ଦେଶ୍ୟମୂଳକ ଭାବେ ବିଦ୍ରୋହର ପରିବେଶ ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି।

ରେନେସ ସହରରେ ପ୍ରଦର୍ଶନକାରୀମାନେ ଏକ ବସ୍ ସମେତ ଅନେକ ଗାଡ଼ିମଟର ଆଦି ଜାଳି ଦେଇଥିବା ବେଳେ ଅନେକ ଜାତୀୟ ସମ୍ପତ୍ତିଗୁଡ଼ିକୁ ଭଙ୍ଗାରୁଜା କରିଛନ୍ତି। ଦକ୍ଷିଣ-ପଶ୍ଚିମ ଅଞ୍ଚଳରେ ବିଦ୍ୟୁତ୍ ତାର କ୍ଷତିଗ୍ରସ୍ତ ହେବା ପରେ ଟ୍ରେନ୍ ସେବା ବନ୍ଦ କରାଯାଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଫ୍ରାନ୍ସ ସରକାର ପ୍ରାୟ ୮୦ ହଜାର ପୁଲିସ୍ କର୍ମଚାରୀଙ୍କୁ ନିୟୋଜିତ କରିଛନ୍ତି। ଏପର୍ଯ୍ୟନ୍ତ ୩୦୦ରୁ ଅଧିକ ଦଙ୍ଗାକାରୀଙ୍କୁ ଗିରଫ କରାଯାଇଛି। ବୁଧବାର ସକାଳେ ରାଜଧାନୀ ପ୍ୟାରିସରେ ବିକ୍ଷୋଭ ପ୍ରଦର୍ଶନକାରୀ ଏବଂ ପୁଲିସ୍ ମଧ୍ୟରେ ହିଂସାତ୍ମକ ସଂଘର୍ଷ ଦେଖିବାକୁ ମିଳିଛି। ତେବେ ଏହି ପ୍ରତିବାଦଗୁଡ଼ିକ ଏପରି ସମୟରେ ହେଉଛି ଯେତେବେଳେ ଫ୍ରାନ୍ସର ନୂତନ ପ୍ରଧାନମନ୍ତ୍ରୀ ସେବାଷ୍ଟିଆନ ଲେକୋର୍ଣ୍ଣୁ ଦାୟିତ୍ୱ ଗ୍ରହଣ କରିବାକୁ ଯାଉଛନ୍ତି। ଗୋଟିଏ ଦିନ ପୂର୍ବରୁ, ଅନାସ୍ଥା ପ୍ରସ୍ତାବ ଗୃହୀତ ହେବା ପରେ ଫ୍ରାଙ୍କୋଇସ୍ ବେରୁ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ୍‌ଙ୍କୁ ତାଙ୍କ ଇସ୍ତଫାପତ୍ର ପ୍ରଦାନ କରିଥିଲେ। ଫ୍ରାନ୍ସର ପ୍ରାୟ ୯୫% ଜନସାଧାରଣ ଅନୁଭବ କରନ୍ତି ଯେ ରାଷ୍ଟ୍ରପତି ମାକ୍ରନଙ୍କ ନୀତି ସାଧାରଣ ଲୋକଙ୍କ ସ୍ୱାର୍ଥ ବିରୋଧୀ ଏବଂ ଧନୀ ବର୍ଗକୁ ଲାଭ ପହଞ୍ଚାଉଛି। ଏତଦ୍‌ବ୍ୟତୀତ ମାକ୍ରନ୍‌ଙ୍କ ନୀତି ପ୍ରାୟତଃ ଭାରତ ବିରୋଧୀ ରହୁଛି ଯାହାକି ଫ୍ରାନ୍ସର ଅଧିକାଂଶ ଲୋକ ଚାହୁଁନାହାନ୍ତି। ଫ୍ରାନ୍ସବାସୀ ଭାରତ ସହ ଫ୍ରାନ୍ସର ଭଲ ସମ୍ପର୍କ ଚାହୁଁଛନ୍ତି।

## ତୁମେ ଆସିଗଲେ


ତୁମେ ଆସିଗଲେ ଶୀତଳତା ଛୁଏଁ
ଉଦ୍‌ଭ୍ରାନ୍ତ ବେଦନା କମେ
ତମ ଆକର୍ଷଣେ ହସିଉଠେ ପ୍ରାଣ
ସବୁ ସୁଖ ଭିଡ଼ି ଆଣେ ।
ହଜିଥିବା ସ୍ୱପ୍ନ ଫେରିଆସେ ପୁଣି
ତମରି ପରଶ ପାଇ
ମେଘ ମହ୍ଲାର ସବୁଆଡ଼େ ଶୁଭେ
ରିମ୍‌ଝିମ୍ ତାଳ ଦେଇ ।
ତମ ଆଗମନେ ଉତ୍‌ଫୁଲ୍ଲ ଧରଣୀ
ହେଉଛି ଯେ ଛନଛନ
ସବୁ ସବୁଜିମା ଭିଡ଼ି ଧରିନେବ
ଯେମିତି ନବ ଯୌବନ ।
ମାଟି ବାସ୍ନା ଦିଏ ମହକ ଅଜାଡ଼ି
କବିଟି ଧରେ କଲମ
କବିତା ଧାଡ଼ିରେ ଜୀବନର ଭାଷା
ଅନୁଭବ ଛୁଏଁ ମର୍ମ ।
ତମେ ପରା ସଦା ମନର ମାନସୀ
ହୃଦୟକୁ ଯାଅ ଛୁଇଁ
ତମ ବିନା ସବୁ ଅସାର ଏଠାରେ
ତୃଣ ଟିକେ ଉଠେ ନାହିଁ ।
ତମେ ଆସୁଥାଅ ଖୁସି ବାଣ୍ଟୁଥାଅ
ଲୁଚି ଯାଉ ସବୁ ତାତି
ଆନମନା ଆଉ କେହି ହେବେ ନାହିଁ
ପ୍ରତିଟି ସ୍ପନ୍ଦନ ଶାନ୍ତି ।

**ସୁଧୀର କୁମାର ଦାସ**
ତରାବୋଇ, ଜଟଣୀ,ଖୋର୍ଦ୍ଧା

## ହଜିଛି ମନର ରାଣୀ

ଅତି ସୁକୁମାରୀ କଅଁଳ ବାଛୁରୀ
ହଜିଛି କେଉଁ ସହରେ
ଦେଖା ଯାଉନାହିଁ ଆଖି ପାହାନ୍ତାରେ
ମନ ଖାଲି ଆଜି ଝୁରେ।
କହୁଥାଏ ବସି ଦେଉଥାଏ ହସି
ଆଖିରେ ବିଜୁଳି ରାଣୀ
ଜୀବନର କଥା ହୃଦୟର ବ୍ୟଥା
କହେ ତା'ମନ କାହାଣୀ।
ପହଡ଼େ ନଦେଖି ରହି ତ ପାରେନା
ଖୋଜୁଥାଏ ମନେ ମନେ
କେଉଁଠି ରହିଛି କେମିତି ଖୋଜିବି
ଅଧୁରା ଲାଗେ ଜୀବନେ।
ଆଷାଢ଼ ମାସରେ ମେଘ ଆକାଶରେ
ନାଚୁଛି ବରଷା ରାଣୀ
ବାଦଲ ଭିତରେ ଯାଇଛି କି ଲୁଚି
ଶୁଭୁନି ତାହାର ବାଣୀ।
ଶରୀରେ ଭୂଷଣ ଦେଲା କି କଷଣ
ଚୋରହାତେ ଗଲା ପଡ଼ି
ମନେ ଭୟ ଆସେ ଘନ ଅନ୍ଧକାରେ
ବିଲୁଆ ଦିଅଇ ରଡ଼ି।
ଆଉ କି ଫେରିବ ଅଲୋଡ଼ା ଜୀବନେ
ମନରେ ହେଉଛି ଗୁଣି
ହୃଦୟ ପ୍ରାଣରେ ଆସେ ବାରବାର
ସିଏ ଥିଲା ମଥାମଣି।
ଅଭୁଲା ମୁହୂର୍ତ୍ତ ଅଭୁଲା ଅତୀତ
ସିଏ ତ ଅଭୁଲା ସ୍ମୃତି
ଭୁଲି ତ ହୁଏନା ଅଭୁଲା ପୀରତି
ମନେପଡ଼େ ଦିନରାତି।
ମନର ମାନସୀ ଶରତର ଶଶୀ
କେଉଁଠାରେ ଅଛ ରୁଷି
ଶ୍ରାବଣ ଧାରାରେ ହୃଦୟ ସାଗରେ
ପୁଣି ଥରେ ଆସ ଭାସି।
ତା ସରଳ କଥା ହାରୁଥିଲା ବ୍ୟଥା
ସତରେ କୁହୁକ ରାଣୀ
ଏ ଜୀବନ କାଳେ ମିଳିବା ଦୁରୂହ
ହଜିଛି ମନର ରାଣୀ।

**ଛବିଳ କୁମାର ସାହୁ**
କୁଣ୍ଡାପିଠା, ଦେବଗଡ଼



# ଚକ୍ରବ୍ୟୂହର ମଣିଷ

**ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ**

"ପରିଶେଷରେ ଆପଣ ବି ଏଇ ଥାନା ଆଉ କୋର୍ଟ କଚେରୀର ଚକ୍କର କାଟିବାକୁ ବାଧହେଲେ ଭାଇନା ?" ବ୍ରହ୍ମାନନ୍ଦ ଭାଇଙ୍କୁ

ସେଦିନ ଆମ ସହରର ସିଭିଲ୍ କୋର୍ଟ ପରିସରରେ ଚିନ୍ତାଗ୍ରସ୍ତ ଭାବେ ଏକା ଏକା ବୁଲୁଥିବା ଦେଖି ପଚାରିଲି ମୁଁ। ମୋ ମୁହଁକୁ କ୍ଷଣେ ବଲବଲ ହୋଇ ଅନେଇ ରହିଲେ ସେ। ସଂପୂର୍ଣ୍ଣ ଚୁପଚାପ୍। ପାଟିରେ ତାଙ୍କର ଭାଷା ନଥିଲା। ସତେ ଯେମିତି ମୂକ ପାଲଟି ଯାଇଥିଲେ କେବେଠୁ। ଖୁବ୍ ବିକଳ ଆଉ ହତାସ ଜଣା ପଡୁଥିଲେ ସେ। ଶୁଖି ଯାଇଥିଲା ମୁହଁ। ଢଳଢଳ ହେଉଥିଲା ତାଙ୍କର କୋଟରାଗତ ଆଖି ଦୁଇଟି। ଏବେ କି ଆଉ ଘଡ଼ିକରେ କାନ୍ଦି ପକେଇବେ ପରି ଲାଗୁଥିଲା ମୋତେ।

ଏଇ ବ୍ରହ୍ମାନନ୍ଦ ଭାଇ, ଆମ ଗାଆଁର ଜଣେ ଭଦ୍ରଲୋକ। ଆଦର୍ଶ ପୁରୁଷ। ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆଦର୍ଶର ଜଣେ ସଚ୍ଚା ପୂଜାରୀ। କୁଟି ଖାଅ, କାଟି ପିନ୍ଧକୁ ବିଶ୍ୱାସ କରନ୍ତି ସେ। ନିଜେ ଏକ ସାଧାରଣ ସରଳ ନିଷ୍କପଟ ଜୀବନ ଜିଇଁବା ସହିତ ସତ୍ୟ, ଧର୍ମ ଆଉ ନ୍ୟାୟ ପଥରେ ଚାଲିବାକୁ ସଦାବେଳେ ଆମ ସମସ୍ତଙ୍କୁ ପରାମର୍ଶ ଦେଇ ଆସିଛନ୍ତି ସେ ଆଜି ପର୍ଯ୍ୟନ୍ତ। ତାଙ୍କ ଜୀବନରେ କେବେ କାହାର ସାମାନ୍ୟତମ କ୍ଷତି କରିଥିବା ଆମକୁ ଜଣାନାହିଁ। ବରଂ ନିଜ ସାଧମତେ ଅନ୍ୟକୁ ସାହାଯ୍ୟ କରି ଆସିଛନ୍ତି ସେ। ତାଙ୍କ ପରି ଜଣେ ଆଦର୍ଶବାଦୀ ମଣିଷକୁ କିଏ ବା କାହିଁକି ହତାଦର କରିବ ? ତେଣୁ ଲୋକେ ତାଙ୍କୁ ଦେବତାତୁଲ୍ୟ ଶ୍ରଦ୍ଧା କରନ୍ତି ଆମ ଅଂଚଳରେ। ତାଙ୍କ ସମୟର ଜଣେ ଉଚ୍ଚ ଶିକ୍ଷିତ ବ୍ୟକ୍ତିତ୍ୱ ହୋଇଥିଲେ ହେଁ କେବେଦିନେ ସରକାରୀ ଚାକିରୀ କି ରାଜନୀତି ପଛରେ ଗୋଡ଼େଇ ନାହାନ୍ତି ଆମ ବ୍ରହ୍ମାନନ୍ଦ ଭାଇ। ବରଂ ପ୍ରତିକଥାରେ ଗାଆଁକୁ ଝସେଇ ପଶୁଥିବା ଅଯଥା ରାଜନୀତି କି ଟାଉଟରୀକୁ ଘୃଣା କରନ୍ତି ସେ। ବିରୋଧ ମଧ୍ୟ କରନ୍ତି। ଗାନ୍ଧୀଜୀ ଓ ବିନୋବାଜୀଙ୍କ ଗ୍ରାମ ସ୍ୱରାଜର ସ୍ୱପ୍ନକୁ ସାକାର କରିବାକୁ ଉତ୍ସର୍ଗୀକୃତ ସେ। ଆମ ଗାଆଁ କାହିଁକି ପାଂଚପାଲି ପଡ଼ୋଶୀ ଗାଁରେ ମଧ୍ୟ ତାଙ୍କର କେହି ଶତ୍ରୁଥିବେ, ଏକଥା ବିଶ୍ୱାସ କରି ହୁଏନାହିଁ। ତେବେ ଆଜି ଏଇ କୋର୍ଟ ପରିସରକୁ ବ୍ରହ୍ମାନନ୍ଦ ଭାଇ ଆସିଲେ କାହିଁକି ? କଣ ଏମିତି ଅସୁବିଧା ହେଲା ତାଙ୍କର ? ତା'ର ଆଦି କି ଅନ୍ତ କିଛିହେଲେ ବୁଝି ପାରୁନଥିଲି ମୁଁ।

"ଆପଣଙ୍କର କଣ ହୋଇଛି ଭାଇନା ? ହଠାତ୍ ଏମିତି ଜିଲ୍ଲା ଜଜ୍‌ଙ୍କ କୋର୍ଟକୁ ଚାଲି ଆସିଲେ ଯେ!! ଆପଣ ପରା କହୁଥିଲେ ଗାଆଁକୋର୍ଟକୁ ହାଇକୋର୍ଟ ସରିନୁହେଁ ? ସବୁ ସମସ୍ୟାର ସମାଧାନ ଗାଆଁରେ ସମ୍ଭବ। କଥା କଥାରେ ଥାନା ପୁଲିସ କି ଓକିଲ ପାଖକୁ ଯିବାକୁ ମନା କରୁଥିଲେ ଆପଣ। ତେବେ ଆଜି ଆପଣ ନିଜେ କେମିତି ଏଇ କୋର୍ଟହତାକୁ ଚାଲି ଆସିଲେ ଭାଇନା ? ଦେଖିଲା ବେଳକୁ ବଡ଼ ଦୁଃଖ ଲାଗୁଛି ମୋତେ।" ବ୍ରହ୍ମାନନ୍ଦ ଭାଇଙ୍କ ମୁହଁକୁ ଚାହିଁ ପଚାରିଲି ମୁଁ।

ମୋର ଏତିକି କଥାରେ ସଜଳ ହୋଇ ଉଠିଲା ବ୍ରହ୍ମାନନ୍ଦ ଭାଇଙ୍କ ଆଖି। ଭାରି କରୁଣ ଦେଖା ଯାଉଥିଲେ ସେ। ତାଙ୍କ ମୁଖମଣ୍ଡଳକୁ ହଠାତ୍ କୋଉଠୁ ଘୋଟି ଆସିଲା ଖଣ୍ଡେ କଳାହାଣ୍ଡିଆ ମେଘ, ଯାହା ଏଇନେ କି ଆଉ ଘଡ଼ିକରେ ବର୍ଷିଯିବ ପରି ଲାଗୁଥିଲା। ହେଲେ ଆଖିର ଲୁହକୁ ମୋଠାରୁ ଲୁଚେଇବାର ଏକ ବୃଥା ପ୍ରୟାସ କରିବାକୁ ଯାଇ କାନ୍ଧରୁ ଓହଳୁଥିବା ଗାମୁଛା କାନିରେ ମୁହଁକୁ ପୋଛି ଆଣୁ ଆଣୁ କେତେ ବେଳକେ ଯାଇ କହିବାକୁ ଆରମ୍ଭ କଲେ ସେ। "ଆଉ ସେଇ ସତ୍ୟଯୁଗ ନାହିଁରେ ଭାଇ ସମ୍ଭିତ। ମହାତ୍ମା ଗାନ୍ଧୀଙ୍କ ନୀତି ଆଉ ଆଦର୍ଶକୁ ଭଲ ପାଉଥିବା ଲୋକମାନେ ମଧ୍ୟ ଆଉ ନାହାଁନ୍ତି। ଏବେ ସବୁଠି ଚାଲିଛି ଅନ୍ୟାୟ ଆଉ ଅନୀତିର ରାଜୁତି। ଅନେକ ଦିନ ହେଲା ଏଇଠୁ ବୋଧହୁଏ ବାନପ୍ରସ୍ଥରେ ଗଲେଣି ସତ୍ୟ ଆଉ ଅହିଂସା। ଜୋର୍ ଯା'ର, ମୁଲକ୍ ତା'ର୍। ଉପରୁ ତଳ ସବୁଠି ଲାଗି ରହିଛି ଏବେ ହରିଲୁଟ୍‌ର ସାହାଣମେଲା। କାହାକୁ କହିବୁ ? ଶୁଣିବ କିଏ ? ଅର୍ଥ ସର୍ବସ୍ୱ ଦୁନିଆରେ ତ ଠନ୍ ଠନ୍ ଗୋପାଲା ହିଁ ସବୁକିଛି। ସାମାନ୍ୟ ଡୋକେ ମଦ ଆଉ ଫୁଟେ ବ୍ରଏଲର୍ କୁକୁଡ଼ା ମାଂସ ପାଇଁ ଆପଣା ଆପଣାର ବୁଦ୍ଧି ବିବେକକୁ ଯେଉଁଠିକାର ଲୋକେ ବିକି ଦେବାକୁ ପଛଘୁଂଚା ଦେଉ ନାହାଁନ୍ତି, ସେଇଠି ତୋର ଶୁଷ୍କ ନୀତି ଆଉ ଆଦର୍ଶର କଥା ଅବା ଶୁଣିବ କିଏ ?"

ଅବିଚଳିତ ଭାବେ କହି ଚାଲିଥିଲେ ବ୍ରହ୍ମାନନ୍ଦ ଭାଇ। କ୍ରମଶଃ ଫେରି ଆସୁଥିଲା ତାଙ୍କ ମୁହଁର ଦ୍ୟୁତି। ମୁଁ ତାଙ୍କ ତେଜୋଦୀପ୍ତ ମୁହଁକୁ ଅନେଇ ରହିଥିଲି। ସେ ପୁଣି କହିବାକୁ ଆରମ୍ଭ କଲେ "ଗାଆଁକୋର୍ଟ କଥା କହୁଛୁ ସମ୍ଭିତ ? ଦିନଥିଲା ଆମ ଗାଆଁର ନ୍ୟାୟ ନିଷ୍ପାପ ଗାଆଁରେ ହିଁ ତୁଟୁଥିଲା। ଉପଯୁକ୍ତ ନ୍ୟାୟ ପାଉଥିଲେ ଲୋକେ। ପୁଲିସ କି ଓକିଲ ପାଖକୁ ଯାଉନଥିଲେ କେହି ଜଣେହେଲେ। ଆମ ସମସ୍ତଙ୍କ ଭିତରେ ସୁଦୃଢ଼ ଥିଲା ଭାତୃତ୍ୱର ବନ୍ଧନ। ପରସ୍ପର ଭିତରେ ଥିଲା ସଦ୍‌ଭାବ। ହେଲେ ଏବେ ସେଇ ସୁଦିନ ଆଉ ନାହିଁରେ ଭାଇ। ଗାଆଁକୁ ଏଇ ଭୋଟ ରାଜନୀତି ପଶିଲା ଦିନଠୁ ଆସ୍ତେ ଆସ୍ତେ ନଷ୍ଟହୋଇ ଯାଉଛି ଆମର ଭାତୃଭାବ। ସ୍ନେହ, ପ୍ରେମ ଆଉ ସୌହାର୍ଦ୍ଦ୍ୟପୂର୍ଣ୍ଣ ସହାବସ୍ଥାନ। ତା ସହିତ ଆମ ଲୋକଙ୍କ ଭିତରୁ ମରି ମରି ଯାଉଛି ମାନବିକତା ଆଉ ସହନଶୀଳତା। କଥା କଥାରେ ଏବେ ମୁଣ୍ଡ ଗଡୁଛି ଗାଆଁରେ। ତୁ ଚାକିରୀ କଲୁ। ଗାଆଁ ଛାଡ଼ି ଚାଲି ଆସିଲୁ ସହରକୁ। ତୁ କେମିତି ବୁଝିବୁ ଆମେ ସମସ୍ତେ ଆଜିକାଲି କେମିତି ଚଳୁଛୁ ଗାଆଁରେ ? ଗୋପ ଛାଡ଼ି ମଥୁରାକୁ ଚାଲି ଯାଇଥିବା ଗୋପାଳ କୃଷ୍ଣ ପରି ତୁ ମଧ୍ୟ ଭୁଲିଗଲୁଣି ଗାଆଁକୁ। ତେବେ ତୁ କେମିତି ଜାଣିବୁ, ଆମେ ନିତିଦିନ ମରି ମରି କେମିତି ବଂଚୁଛୁ ଯେ.. ?"

ମୋ ଛାତିକୁ ତୀକ୍ଷଣ ଛୁରୀରେ ହାଣିଲା ପରି କଷ୍ଟ ଦେଉଥିଲା ଭାଇନାଙ୍କ ଏଇ କଥା ପଦକ। ତଥାପି ସେତକ ଥିଲା କଟୁସତ୍ୟ। ଏକଥା ମଧ୍ୟ ସତ ଯେ ମୁଁ ଚାକିରୀ କଲା ଦିନଠୁ ଗାଆଁକୁ ଫେରିନି ଆଉ। ବାପାମାଆଙ୍କ ଅନିଚ୍ଛା ସତ୍ତ୍ୱେ ମୋ ସାଙ୍ଗରେ ସହରକୁ ନେଇ ଆସିଛି ତାଙ୍କୁ। ବାହାସାହା ହୋଇ ଏଇଠି ରହୁଛି। ଘରର ଯାବତୀୟ ଜଞ୍ଜାଳ ସମ୍ଭାଳୁ ସମ୍ଭାଳୁ ଅସମ୍ଭାଳ ହୋଇ ଉଠୁଛି ଜୀବନ। ଘରୁ ଅଫିସ୍ ଆଉ ଅଫିସ୍‌ରୁ ଘରକୁ ଯିବା ଆସିବା କରୁ କରୁ ସରିଯାଉଛି ମୋର ସବୁତକ ସମୟ। ଆଜିକାଲିକା ଏଇ ସରକାରୀ ଚାକିରୀ ହିଁ ଏମିତି। ସବୁଠି ମାଳ ମାଳ ପଦବୀ ଖାଲି। ଜଣେ ଲୋକକୁ ସମ୍ଭାଳିବାକୁ ପଡୁଛି ଏକାଧିକ ବିଭାଗର ଦାୟିତ୍ୱ। ଫାଇଲ୍ ଆଣି ଘରେ କାମକଲେ ବି ସରିପାରୁନି ଅଫିସ୍ କାମ। ତଥାପି କେବେ କେମିତି କୋଉ ପୁନିଅ ପରବରେ ଗାଆଁକୁ ଯାଏ ଯେ ପୁଣି ଫେରିଆସେ ସଙ୍ଗେସଙ୍ଗେ। କାହାର ଭଲମନ୍ଦ କିଛି ବୁଝିବାକୁ ବି ମୋ ପାଖରେ ସମୟ ନଥାଏ। ତେବେ ଏତେ କଥା ଜାଣିବି ଅବା କେମିତି ? ଭାବନା ଭିତରେ ବୁଡ଼ି ଯାଉଥିଲି ମୁଁ। ଫେରି ଯାଉଥିଲି ମୋ ଶୈଶବର ଦିନକୁ। ଗୋଟିଏ ଆଦର୍ଶ ଗ୍ରାମଭାବେ ଆମ ଗ୍ରାମର ଏକ ସ୍ୱତନ୍ତ୍ର ପରିଚୟ ଥିଲା ଜିଲ୍ଲା ଭିତରେ। ଏବେ ସେଇ ଗାଆଁର ଏମିତି ଦୟନୀୟ ଅବସ୍ଥା କଥା ଶୁଣି ସଜଳ ହୋଇ ଆସୁଥିଲା ମୋ ଆଖି। ଗାଆଁରେ ଏତେ ସବୁ ଘଟଣା ଘଟୁଥିଲେ ହେଁ ମୋ ପାଖରେ ବିନ୍ଦୁ ବିସର୍ଗ କିଛିହେଲେ ସୂଚନା ନାହିଁ। ଏତକ ଭାବିଲା ବେଳକୁ ନିଜକୁ ଦୋଷୀ ଦୋଷୀ ପରି ଲାଗୁଥିଲା ମୋତେ।

"ମୋ କଥା ପଚାରୁଥିଲୁ ନା ସମ୍ଭିତ ?" ଭାଇନା ପଚାରୁଥିଲେ ମୋତେ। କ୍ରମଶଃ ସମ୍ଭିତ ଫେରି ପାଉଥିଲି ମୁଁ। "ଏବେ ଶୁଣ୍ ମୋ ଦୁଃଖର କଥା। ଆମ ଗାଆଁ ସର୍ବେଶ୍ୱରକୁ ଚିହ୍ନିଛୁ ନା ? ସେଇ ମାମଲତକାର ବା ? ଯିଏ ଆମ ପଡ଼ିଶା ଘରେ ରହେ। ଏବେ ବଡ଼ ଟାଉଟର ହୋଇଗଲାଣି ତା' ପୁଅ ଲଙ୍କେଶ୍ୱର। କି ରାଜନୀତି କି ଛେନାଗୁଡ଼ କରୁଛି କେଜାଣି ? କୋଉ ନେତା କି ମନ୍ତ୍ରୀ ସାଙ୍ଗରେ ତାର ଭଲ ସମ୍ପର୍କ ରହିଛି ବୋଲି ଡିଣ୍ଡିମ ପିଟି ବୁଲୁଛି ଆମ ଗାଆଁରେ। ସେଇ ଆଳରେ ଆଉ ଇନ୍ଦ୍ର ଚନ୍ଦ୍ର କି ବରୁଣ କୁବେର କିଛି ମାନୁନାହିଁ ସେ। ତା ମିଥ୍ୟା ପ୍ରତିଶ୍ରୁତି ଆଉ କୁକର୍ମ ସବୁକୁ ବିରୋଧ କରେ ବୋଲି ରୀତିମତ ଭାବେ ମୋତେ ହଇରାଣ କରୁଛି ସେ। ମୋ ଘରଡିହ ଉପରେ ମନଇଚ୍ଛା କରୁଛି ଅତ୍ୟାଚାର। ଆହୁରି ମଧ୍ୟ ବିଲରୁ କାଟି ନେଉଛି ଗଛ। କେବେ କେବେ ଉଜାଡ଼ି ଦେଉଛି ଫସଲ। ତା' ବିଲକୁ ଲାଗିଥିବା ମୋ ବିଲର ହିଡ଼ କଟିମାରି ପ୍ରତିବର୍ଷ ହଡ଼ପ୍ କରି ଚାଲିଛି ଚାଖଣ୍ଡେ ଚାଖଣ୍ଡେ ଜମି। ଯଦି କିଛି ପ୍ରତିବାଦ କଲୁ ତ ଭଡ଼ାଟିଆ ଗୁଣ୍ଡା ଲଗାଇ ଝଗଡ଼ା କରୁଛି ରୀତିମତ ଭାବେ। ସୁଯୋଗ ଉଣ୍ଡି ଅପଦସ୍ତ କରୁଛି ସର୍ବସାଧାରଣରେ। ତା' ଭିତରୁ ହଜିଗଲାଣି ଯେମିତି ମାନବିକତାର ସାମାନ୍ୟତମ ଜ୍ଞାନ। ଗାଆଁରେ ନ୍ୟାୟ ନିଶାପ କଲା ବେଳକୁ ତାର ବନ୍ଧୁମାନେ ଷଣ୍ଢ ପୁରେଇ ଦେଉଛନ୍ତି ପ୍ରତିଟି କଥାରେ। ଭଣ୍ଡୁର କରି ଦେଉଛନ୍ତି ସଭା ସମିତି। କହିବାକୁ ଗଲେ ଏକପ୍ରକାରେ ସେମାନଙ୍କ କବ୍‌ଜାରେ ରହିଛି ଆମ ଗ୍ରାମୀଣ ନ୍ୟାୟ ବ୍ୟବସ୍ଥା। ସାମାନ୍ୟ କିଛି ଟଙ୍କାରେ ବିକ୍ରୀ ହେଉଛି ନ୍ୟାୟ। ଦୀନ, ଦୁଃଖୀ, ଦରିଦ୍ର ଉପରେ ଦିନକୁ ଦିନ ବଢ଼ି ଚାଲିଛି ଅକଥନୀୟ ଅତ୍ୟାଚାର। ଗରିବର ଦୁଃଖ ଦେଖିବାକୁ କି ଶୁଣିବାକୁ ଆଉ କେହି ନାହାନ୍ତି ରେ ଭାଇ। ତୁ ଗୁହାରୀ କରିବୁ କାହାକୁ ? ସମସ୍ତେ ତ ଲଙ୍କେଶ୍ୱରକୁ ଡରୁଛନ୍ତି। ତା' ମୁହଁରେ ଜବାବ ଦେବାକୁ ସାହସ ଜୁଟେଇ ପାରୁନାହାଁନ୍ତି ଜଣେହେଲେ କେହି। କେତେ ସହିବୁ ? ଅନ୍ୟାୟକୁ କେତେ ଅବା ବରଦାସ୍ତ କରିବୁ ?

ଲଙ୍କେଶ୍ୱରର ଅତ୍ୟାଚାର ଅସହ୍ୟ ହେଲା ବୋଲି ପରିଶେଷରେ ନିଜ ବିବେକକୁ ମାରି ଆଜି କୋର୍ଟରେ ଆଶ୍ରୟ ନେବାକୁ ବାଧହୋଇ ଆସିଛି ମୁଁ। ଦେଖାଯାଉ ମୋ ଭାଗ୍ୟରେ କଣ ଅଛି ଯେ ? ତ୍ରେତୟା ଯୁଗର ସେଇ ଲଙ୍କେଶ୍ୱର ଭୟରେ ତ ଦେବତାମାନେ ବି ପ୍ରମାଦ ଗଣୁଥିଲେ। ଆଉ ଆଜି ଏଇ ଆଧୁନୀକ ଲଙ୍କେଶ୍ୱର ଭୟରେ ଥରହର ହେଉଛନ୍ତି ଆମ ଗାଆଁର ସାଇଭାଇ ସମସ୍ତେ। ତେଣୁ ମୋତେ ଏଇଠି ସାକ୍ଷ ପ୍ରମାଣ ବି ମିଳିବ କି ନା ସନ୍ଦେହ। ଆଉ ଆମ ଦେଶର ନ୍ୟାୟ ବ୍ୟବସ୍ଥା ଯେ ସାକ୍ଷ୍ୟ ପ୍ରମାଣ ବିନା ନ୍ୟାୟ ଦେଇ ଜାଣେନା। ନ୍ୟାୟଦେବୀର ଆଖିରେ ତ ସଦାସର୍ବଦା ବନ୍ଧା ହୋଇଛି ଅନ୍ଧପୁଟୁଳି। ସେ ଶୁଣିପାରେ, ହେଲେ ଦେଖି ପାରେନା। ପ୍ରମାଣ ନଥିଲେ ନିଜ ବିବେକର ଆହ୍ୱାନରେ ବି ନ୍ୟାୟ ଦେଇପାରନ୍ତି ନାହିଁ ଆମର ନାଚାର ଧର୍ମାବତାରମାନେ। ଆମପରି ଅସହାୟ ମଣିଷମାନେ ତେବେ କଣ ନ୍ୟାୟ ପାଇବାରୁ ମଧ୍ୟ ବଂଚିତ ହେବେ ଭାଇ ? ଆଜି ମଧ୍ୟ ଏତେ ଅସହାୟ ଆମେ ? ହେ ଭଗବାନ, ଏମିତି ଦିନ ଦେଖିବା ପୂର୍ବରୁ ମୋତେ ଯାହା ମରଣ ହେଉନାହିଁ।"

କୋଟରା ଗତ ଆଖିରୁ ବହି ଆସୁଥିବା ଅବାରିତ ଲୁହଧାରକୁ ଗାମୁଛାରେ ପୋଛୁ ପୋଛୁ ବ୍ରହ୍ମାନନ୍ଦ ଭାଇ ପୁଣି କହିଲେ "ମୁଁ ବୁଢ଼ା ହେଲିଣି। ପାଚିଲା ପତର। ଆଜି ଅଛି, ହୁଏତ ଆଉ କ୍ଷଣିକରେ ଝଡ଼ି ଯାଇଥିବି। ଏବେ ସବୁ ଦାୟୀତ୍ୱ ତୁମ ଯୁବପିଢ଼ୀ ହାତରେ। ଦେଖକୁ କେମିତି ଚଳେଇବ, ସେତକ ନିର୍ଦ୍ଧାରଣ କରିବ ତୁମେମାନେ। ଗାନ୍ଧୀ ମହାତ୍ମାଙ୍କ ପରି ଦେବତାମାନେ କଣ ସଦାବେଳେ ଜନ୍ମ ହେଉଥିବେ ଯେ ତୁମମାନଙ୍କୁ ଶାନ୍ତି ଆଉ ଅହିଂସାର ବାଟ ଦେଖାଉଥିବେ ?" ଏତକ କହିଲା ବେଳକୁ ପୁଣିଥରେ ନିରାଶାର କଳା ବାଦଲ ଆଚ୍ଛାଦିତ କରୁଥିଲା ତାଙ୍କ ଶାନ୍ତକାନ୍ତ ମୁଖମଣ୍ଡଳକୁ।

ବ୍ରହ୍ମାନନ୍ଦ ଭାଇଙ୍କ ବିବଶ ମୁହଁକୁ ଚାହିଁ ରହିଥିଲି ମୁଁ। ସ୍ପଷ୍ଟ ବାରିହୋଇ ଯାଉଥିଲା ତାଙ୍କ ଅସହାୟତା। ରହି ରହି ଦୀର୍ଘଶ୍ୱାସ ଛାଡୁଥିଲେ ସେ। ରାଗରେ ଯେମିତି ନିଆଁ ଜଳୁଥିଲା ତାଙ୍କ ଆଖି ଦୁଇଟିରେ। ଦୁନିଆରେ ପ୍ରଳୟ ଆଣି ଦେଇପାରେ ଜଣେ ସତ୍‌ପୁରୁଷର କ୍ରୋଧ। ମନେ ମନେ ପ୍ରମାଦ ଗଣିବାକୁ ଲାଗିଥିଲି ମୁଁ। ବାଟବଣା ହୋଇ ଯାଉଥିଲା ମୋର ବୁଦ୍ଧି ବିବେକ ସବୁ। ବାସ୍ତବରେ ଆଜିକାଲି ଆମ ଗାଆଁମାନଙ୍କରେ ଏଇ ଲଙ୍କେଶ୍ୱରମାନଙ୍କ ପରି କୂଟ କପଟିଆ ଲୋକଙ୍କ ହୀନ ରାଜନୀତିର ଚକ୍ରବ୍ୟୂହରେ ପଡ଼ି ଛଟପଟ ହେଉଛନ୍ତି ଏମିତି ଅସଂଖ୍ୟ ବିବଶ ବ୍ରହ୍ମାନନ୍ଦମାନେ। ଏ ଯେ ଏକ ମହାମାରୀ ରୋଗ। ଆଉ ଅଧିକ ଦିନ ଏମିତି ସ୍ଥିତି ଲାଗି ରହିଲେ ହୁଏତ ଅଳ୍ପ କେଇବର୍ଷ ଭିତରେ ରସାତଳଗାମୀ ହୋଇଯିବ ଆମର ପ୍ରିୟ ଦେଶ ଭାରତ ବର୍ଷ। କ'ଣ ହୋଇପାରେ ଏଥିରୁ ବଂଚିବାର ଉପାୟ ? ସେ ବିଷୟରେ ଯେତିକି ଭାବୁଥିଲି, ସେତିକି ଅନ୍ଧାର ଦେଖା ଯାଉଥିଲା ମୋ ଆଖିକୁ। ତଥାପି ବ୍ରହ୍ମାନନ୍ଦ ଭାଇଙ୍କୁ ଶାନ୍ତ୍ୱନା ଦେବାକୁ ଯାଇ କହିଲି "ଅଜେୟ ଲଙ୍କେଶ୍ୱର ତ ଦିନେ ଧ୍ୱଂସହୋଇ ଯାଇଥିଲା ଭାଇନା, ଆଉ ଏଇ ଲଙ୍କେଶ୍ୱର ବା କି ଛାର ମାତର ? ଯୁଗେ ଯୁଗେ ଏମିତି ଆସୁରି ଶକ୍ତିର ଅଭ୍ୟୁଦୟ ଘଟିଥାଏ। ଧରାକୁ ସରା ମଣି ଉତ୍ପାତ ବି କରିଚାଲନ୍ତି ସେଇ ନିର୍ଦ୍ଦୟ ରାକ୍ଷସମାନେ। ରାମଚନ୍ଦ୍ରଙ୍କ ପରି ଦେବତାମାନେ ମଧ୍ୟ ଜନ୍ମନିଅନ୍ତି ସେତେବେଳେ, ଯେତେବେଳେ ଅସହ୍ୟ ହୁଏ ଅତ୍ୟାଚାର। ପୁଣି କିଛିକାଳ ଲାଗିରହେ ଦେବାସୁର ଯୁଦ୍ଧ। ଆଉ ଦେବତାମାନେ ହିଁ ବିଜୟୀ ହୋଇଥାନ୍ତି ପରିଶେଷରେ। ପ୍ରତିଷ୍ଠିତ ହୁଏ ଦେବତ୍ୱ। ଆମ ଦେଶକୁ ଦିନେ ନା ଦିନେ ସେଇ ସୁଦିନ ଫେରି ଆସିବ ଭାଇନା ! ନିଶ୍ଚୟ ଆସିବ। କାଳରାତ୍ରୀ ପରେ ନବ ପ୍ରଭାତର ସନ୍ଦେଶ ନେଇ ସୂର୍ଯ୍ୟ ଉଇଁଲା ପରି ସିଏ ନିଶ୍ଚିତ ରୂପେ ଆସିବ। ସେଇ ସୁଦିନକୁ ଅପେକ୍ଷା କରିବା ବ୍ୟତିତ ଏବେ ଆମର ଗତ୍ୟନ୍ତର ନାସ୍ତି।" ମୋ ମୁହଁକୁ ଏକଲୟରେ ଚାହିଁ ରହିଥିଲେ ବ୍ରହ୍ମାନନ୍ଦ ଭାଇ। ତାଙ୍କ ମନରେ କ'ଣ ସବୁ ଭାବାନ୍ତର ସୃଷ୍ଟି ହେଉଥିଲା କେଜାଣି। କିନ୍ତୁ ବାରମ୍ବାର ବଦଳିବାରେ ଲାଗିଥିଲା ତାଙ୍କ ମୁଖ ମଣ୍ଡଳର ରଙ୍ଗ।

*ଭାରତୀ କୁଟୀର, ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର*

# ଧନୀ ପେଟ୍

**ବଡ଼ ବଙ୍ଗଳାରେ ରହିବା, ଦାମୀ ପୋଷାକ ପିନ୍ଧିବା, ସୁସ୍ୱାଦୁ ଖାଦ୍ୟ ଖାଇ ଅୟସରେ ଜୀବନ ବିତେଇବାର ସ୍ୱପ୍ନ ସମସ୍ତେ ଦେଖନ୍ତି। ହେଲେ ଏ ସ୍ୱପ୍ନ କେବଳ ସ୍ୱପ୍ନ ହୋଇ ରହିଯାଏ ଅନେକଙ୍କ ପାଇଁ। କିନ୍ତୁ କିଛି ପ୍ରାଣୀ ଅଛନ୍ତି ଯେଉଁମାନେ ଜିଉଁଛନ୍ତି ମଣିଷ ସ୍ୱପ୍ନ ଦେଖୁଥିବା ଏହିଭଳି ବିଳାସମୟ ଜୀବନ। ଆଉ ତାଙ୍କ ଲାଇଫ୍ ଷ୍ଟାଇଲ୍ ଦେଖିଲେ ମଣିଷ ବି କରିବେ ଈର୍ଷା...**


ଗୁନ୍ଥର ୪



***ଗୁନ୍ଥର ୪:*** ଜର୍ମାନ ଶେଫର୍ଡ ବ୍ରିଡ୍‌ର କୁକୁର ଗୁନ୍ଥର ୪ ହେଉଛି ପୃଥିବୀର ସବୁଠାରୁ ଧନୀ ପେଟ୍। ଏହି କୁକୁରଟି ୩୭୫ ମିଲିୟନ ଡଲାରର ମାଲିକ। କହିବାକୁ ଗଲେ ଗୁନ୍ଥର ୪ ହେଉଛି ଏକ ଭାଗ୍ୟବାନ କୁକୁର। ସେ ତା' ବାପା ଗୁନ୍ଥର ୩ଙ୍କର ଦାୟାଦ, ଯେକି ଜର୍ମାନ କାଉଣ୍ଟେସ୍ କାର୍ଲୋଟା ଲିବେନଷ୍ଟିନ୍‌ଙ୍କର ପେଟ୍ ଥିଲା। କାଉଣ୍ଟେସ୍ କାର୍ଲୋଟା ମୃତ୍ୟୁ ପୂର୍ବରୁ ନିଜ ସମ୍ପତ୍ତିରୁ ୧୦୬ ମିଲିୟନ ଡଲାର ପ୍ରିୟ ପେଟ୍ ଗୁନ୍ଥର ୩ ନାମରେ କରିଦେଇଥିଲେ। ସେହି ଟଙ୍କାକୁ ତାଙ୍କ ଟ୍ରଷ୍ଟି ନିବେଶ କରିଥିଲେ। ଆଉ ସୌଭାଗ୍ୟକୁ ତାହା ତିନିଗୁଣା ବଢ଼ିଗଲା। ଫଳରେ ସେ ୩୭୫ ମିଲିୟନ ସମ୍ପତ୍ତିର ମାଲିକ ପାଲଟିଗଲା। ତେବେ ଗୁନ୍ଥର ୩ର ମୃତ୍ୟୁ ପରେ ଦାୟାଦଭାବେ ଗୁନ୍ଥର ୪ ସେହି ସମ୍ପତ୍ତିର ମାଲିକ ପାଲଟିଯାଇଛି। ଆଉ ଏକ ଅୟସଭରା ଜୀବନ ଅତିବାହିତ କରୁଛି। ଗୁନ୍ଥର ୪ର ଏକ ମାନ୍‌ସନ୍ ବି ଅଛି, ଯାହା ହଲିଉଡର ସିଙ୍ଗର କମ୍ ଆକ୍ଟ୍ରେସ୍ ମଡୋନାଙ୍କର ଥିଲା।

***ନାଲା କ୍ୟାଟ୍:*** ଏହି ବିଲେଇଟି ହେଉଛି ଏକ କ୍ୟାଟ୍ ଫୁଡ ବ୍ରାଣ୍ଡର ମାଲିକ। ୧୦୦ ମିଲିୟନ ଡଲାର ହେଉଛି ଏହାର ସମ୍ପତ୍ତି। ନାଲାର ୪.୩ ମିଲିୟନ ଇନ୍‌ଷ୍ଟାଗ୍ରାମ ଫଲୋୟର ଅଛନ୍ତି। ସବୁଠାରୁ ଅଧିକ ଇନ୍‌ଷ୍ଟାଗ୍ରାମ ଫଲୋୟର୍ ଥିବାରୁ ତା'ର ନାମ ଗିନିଜ୍ ୱାର୍ଲଡ ରେକର୍ଡସ୍‌ରେ ବି ସ୍ଥାନ ପାଇଛି। ପୁକି ମେଥାଚିଟିଫାନ ଓ ଶାନନ୍ ଇଲିଶ ହେଉଛନ୍ତି ନାଲାର ମାଲିକ। ନୀଳ ଆଖିରେ ବେଶ୍ ସୁନ୍ଦର ଦେଖାଯାଉଥିବା ଏହି ବିଲେଇଟି ବ୍ରାଣ୍ଡ ଏଣ୍ଡୋର୍ସମେଣ୍ଟ ଓ ଆପିୟରେନ୍ସ ଦେଇ ବର୍ଷକୁ ୬୨୫୦୦୦ ଡଲାର ରୋଜଗାର କରିଥାଏ।

***ଗ୍ରମ୍ପି କ୍ୟାଟ୍:*** ଟାରଦର ସସ୍ ଏକ ବିଲେଇ, ଯିଏକି ଗ୍ରମ୍ପି କ୍ୟାଟ୍ ନାମରେ ବେଶ୍ ପରିଚିତ। ଏଇ ନାମଟି ବିଲେଇଟି ତା'ର ରାଗି ମୁହଁ ପାଇଁ ପାଇଛି। ଗ୍ରମ୍ପି କ୍ୟାଟ୍ ତା'ର ଏଇ ଲୁକ୍ ପାଇଁ ଇଣ୍ଟରନେଟ୍‌ରେ ବହୁତ ପ୍ରସିଦ୍ଧି ପାଇଛି। ଆମେରିକାରେ ସେ ସେଲିବ୍ରିଟି କ୍ୟାଟ୍ ଭାବେ ପରିଚିତ। ୨୦୧୨ରେ ପ୍ରଥମେ ଏହାର ଫଟୋ ସୋସିଆଲ ମିଡିଆରେ ଅପଲୋଡ୍ ହୋଇଥିଲା। ଏବେ ଫେସ୍‌ବୁକ୍‌ରେ ତା'ର ୮.୩ ମିଲିୟନ୍‌ରୁ ଊର୍ଦ୍ଧ୍ୱ ଲାଇକ୍, ଇନ୍‌ଷ୍ଟାଗ୍ରାମ୍‌ରେ ୨.୬ ମିଲିୟନ୍‌ରୁ ଊର୍ଦ୍ଧ୍ୱ ଫଲୋୟର୍, ଟୁଇଟର୍ ବା ଏକ୍ସରେ ୧.୫ ମିଲିୟନରୁ ଊର୍ଦ୍ଧ୍ୱ ଫଲୋୟର ଓ ୟୁଟ୍ୟୁବ୍‌ରେ ୨୮୩୦୦୦ରୁ ଊର୍ଦ୍ଧ୍ୱ ସବ୍‌ସ୍କ୍ରାଇବର୍ ଅଛନ୍ତି। ଫଳରେ ସେ ୯୯ ମିଲିୟନ୍ ଡଲାର ସମ୍ପତ୍ତିର ମାଲିକ ସାଜିଛି।


ଗ୍ରମ୍ପି କ୍ୟାଟ୍


ନାଲା କ୍ୟାଟ୍


ଗିଗୁ


***ଓଲିଭିଆ ବେନସନ୍:*** ୨୦୧୪ରେ ଆମେରିକୀୟ ସିଙ୍ଗର ଟେଲର୍ ସ୍ୱିଫ୍ଟ ଏକ ବିଲେଇ ପେଟ୍ ଭାବେ ଆଣିଥିଲେ, ଯାହାର ନାଁ ସେ ଓଲିଭିଆ ବେନ୍‌ସନ୍ ଦେଇଥିଲେ। ଟେଲର୍ ସ୍ୱିଫ୍ଟ ଓଲିଭିଆକୁ ଏତେ ଭଲ ପାଆନ୍ତି ଯେ, ସେ କରିଥିବା ଏକ ଡାଏଟ୍ କୋକ୍ ବିଜ୍ଞାପନରେ ପେଟ୍ ଓଲିଭିଆକୁ ବି ସାମିଲ କରିଥିଲେ। ଖାଲି ସେତିକି ନୁହେଁ କେଡ୍‌ସ ସୁଜ୍ ପରି ଅନେକ କମର୍ସିଆଲ୍ ଓ ଟେଲର୍ ସ୍ୱିଫ୍ଟଙ୍କ ମ୍ୟୁଜିକ ଭିଡିଓ 'ବ୍ଲାଙ୍କ ସ୍ପେସ୍'ରେ ବି ଓଲିଭିଆ ଅଭିନୟ କରିଛି। ଏହି ସ୍କଟିସ୍ ଫୋଲ୍ଡ ବିଲେଇର ସମ୍ପତ୍ତି ୯୭ ମିଲିୟନ ଡଲାର।


ଓଲିଭିଆ ବେନସନ୍

***ସ୍ୟାଡି, ସନି, ଲରେନ୍, ଲେୟଲା, ଲ୍ୟୁକ୍:*** ପ୍ରସିଦ୍ଧ ଆମେରିକୀୟ ଟକ୍ ଶୋ' ହୋଷ୍ଟ ଓପ୍ରା ୱିନ ଫ୍ରେଙ୍କର ଅଛି ୫ଟି ପେଟ୍ ଡଗ୍। ସେ ଏହି କୁକୁରଗୁଡ଼ିକୁ ବହୁତ ଭଲ ପାଆନ୍ତି। ତେଣୁ ସେ ନିଜ ସମ୍ପତ୍ତିରୁ ୩୦ ମିଲିୟନ୍ ଡଲାର ଏହି ୫ଟି ପେଟ୍ ଡଗ୍ ନାମରେ କରି ଦେଇଛନ୍ତି।

***ଗିଗୁ:*** ଧନୀ ପେଟ୍ ତାଲିକାରେ ଏକ କୁକୁଡ଼ା ବି ଅଛି, ଯାହାର ନାଁ ଗିଗୁ। ଗିଗୁ ବ୍ରିଟିଶ ମଲ୍ଟି ମିଲିୟନେର ପବ୍ଲିଶର୍ ମାଇଲ୍ସ ବ୍ଲାକ୍‌ୱେଲଙ୍କର ପେଟ୍ ଥିଲା। ମୃତ୍ୟୁ ପୂର୍ବରୁ ମାଇଲ୍ସ ବ୍ଲାକ୍‌ୱେଲ ୧୫ ମିଲିୟନ ଡଲାର ଗିଗୁ ନାମରେ ଛାଡ଼ି ଯାଇଥିଲେ। ଫଳରେ ସେ ପାଲଟିଗଲା ଏକ ଧନୀ ପେଟ୍।

***କୋଞ୍ଚିତା:*** ବେକରେ ଟିଫାନୀ ନେକ୍‌ଲେସ୍ ଓ କାଶ୍ମୀର୍ ସ୍ୱେଟର୍ ପିନ୍ଧି ରାଜକୀୟ ଠାଣିରେ ବସିଥିବା କୋଞ୍ଚିତା ହେଉଛି ଏକ ଚିହୁଆହୁଆ ପ୍ରଜାତିର କୁକୁର। ମିଆମିର ଏହି କୁକୁରକୁ 'କୁଇନ୍ ଅଫ୍ ମିଆମି' ବୋଲି କୁହାଯାଏ। ସୋସିଆଲାଇଟ୍ ଗେଲ୍ ପୋସନର୍ ହେଉଛନ୍ତି ତାର ମାଲିକ। ଗେଲ୍ ମୃତ୍ୟୁବରଣ କରିବା ପୂର୍ବରୁ ୮.୪ ମିଲିୟନ ଡଲାର କୋଞ୍ଚିତା ନାମରେ ଛାଡ଼ିଯାଇଛନ୍ତି। ଫଳରେ ସେ ଏବେ ଏକ ଅୟସଭରା ଜୀବନ ଅତିବାହିତ କରୁଛି।




କୋଞ୍ଚିତା


ସ୍ୟାଡି, ସନି, ଲରେନ୍, ଲେୟଲା, ଲ୍ୟୁକ

## ଭଲ ସମୟ ଆସିବାର ସଙ୍କେତ

ମଣିଷ ଜୀବନରେ ଯେତେବେଳେ ବି ଭଲ ଦିନ ଆସିବାକୁ ଥାଏ ବା କିଛି ନା କିଛି ସଫଳତା ମିଳିବାକୁ ଥାଏ, ତାହାର ସଙ୍କେତ ଭଗବାନ ପୂର୍ବରୁ ହିଁ ଦେଇଥାନ୍ତି। ଏହି ସଙ୍କେତଗୁଡ଼ିକୁ ଆମେ ସହଜରେ ଜାଣିପାରୁନା। ତେବେ ଆଜି ଆମେ ଆପଣଙ୍କୁ ଏହି ସବୁ ସଙ୍କେତ ବିଷୟରେ ଜଣାଇବୁ।

**ଭଲ ସମୟ ଆସିବାର ସଙ୍କେତ:**


- ଅନେକ ଲୋକଙ୍କୁ ସକାଳୁ ଉଠି ଆଇନା ଦେଖିବାକୁ ଭଲ ଲାଗେ। ଯଦି ସକାଳୁ ଉଠିଲା ପରେ ଆପଣଙ୍କ ଚେହେରାରେ ଚମକ, ଉଜ୍ଜ୍ୱଳତା, ଆତ୍ମବିଶ୍ୱାସ ଦେଖାଦିଏ, ତେବେ ବୁଝିଯାଆନ୍ତୁ ଯେ ବହୁତ ଶୀଘ୍ର ଆପଣଙ୍କ ଜୀବନରେ କିଛି ଭଲ ହେବାକୁ ଯାଉଛି। ଆପଣଙ୍କ ଖରାପ ସମୟ ଆପଣଙ୍କଠାରୁ ବହୁତ ଶୀଘ୍ର ବିଦାୟ ନେବାକୁ ଯାଉଛି।
- ଅନେକ ସମୟରେ ଆମକୁ ପଶୁପକ୍ଷୀଙ୍କ ମାଧ୍ୟମରେ ଭଲ ସମୟ ଆଗମନର ସଙ୍କେତ ମିଳିଥାଏ। ଯଦି ଆପଣଙ୍କ ଘରେ ବିଲେଇ ଛୁଆ ଜନ୍ମ ଦେଇଛି ତେବେ ଏହା ଶୁଭ ସଙ୍କେତ। ଯଦି କୌଣସି ମାଙ୍କଡ ଆମ୍ବ ଖାଇ ଟାକୁଆକୁ ଆପଣଙ୍କ ଘରେ ଫୋପାଡ଼େ ତେବେ ଏହା ମଧ୍ୟ ଶୁଭ ହୋଇଥାଏ।
- ଯଦି ଆପଣଙ୍କ ଶରୀରର ବିଭିନ୍ନ ଅଙ୍ଗ ଥରିବାକୁ ଲାଗୁଛି, ତେବେ ବୁଝିଯାଆନ୍ତୁ ଯେ ଭଗବାନ ଆପଣଙ୍କୁ ଶୁଭ ସଙ୍କେତ ଦେଉଛନ୍ତି। ବହୁତ ଶୀଘ୍ର ଆପଣଙ୍କ ଭାଗ୍ୟୋଦୟ ହେବାକୁ ଯାଉଛି।
- ଯଦି ଆପଣଙ୍କର ଆଶ୍ଚର୍ଯ୍ୟଜନକ ଭାବେ ଖର୍ଚ୍ଚ ବଢ଼ିବାରେ ଲାଗିଛି ଓ ଲଗାତାର ଖର୍ଚ୍ଚ ହେବା ପରେ ପୁଣି ପକେଟରେ ଟଙ୍କା ଆସୁଛି ତେବେ ଜାଣନ୍ତୁ ଯେ ଈଶ୍ୱର ଆପଣଙ୍କୁ ସଙ୍କେତ ଦେଉଛନ୍ତି ଯେ ଏବେଠାରୁ ଆପଣଙ୍କର କେବଳ ଭଲ ସମୟ ଚାଲିବ।



# ବିରଳ କଙ୍କଡ଼ା

ଥାଇଲାଣ୍ଡର କାଏଙ୍ଗ କ୍ରାଚାନ ଜାତୀୟ ଉଦ୍ୟାନରେ ଏକ ଅତ୍ୟନ୍ତ ବିରଳ ଏବଂ ଅନନ୍ୟ ପ୍ରଜାତିର କଙ୍କଡ଼ା ଦେଖାଯାଇଛି, ଯାହାର ରଙ୍ଗ ବାଇଗଣୀ। ଏହା ସୋସିଆଲ ମିଡିଆରେ ଲୋକଙ୍କୁ ଆଶ୍ଚର୍ଯ୍ୟ କରିଛି। ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା କିଛି ଫଟୋରେ ଏହି କଙ୍କଡ଼ାର ସୌନ୍ଦର୍ଯ୍ୟ ସ୍ୱଷ୍ଟ ଭାବରେ ଦୃଶ୍ୟମାନ ହେଉଛି। କୁହାଯାଇଛି ଯେ, ପାର୍କ ରେଞ୍ଜରମାନେ ପାଟ୍ରୋଲିଂ ସମୟରେ ଏହି ସ୍ୱତନ୍ତ୍ର ତଥା ବିରଳ କଙ୍କଡ଼ାକୁ ଦେଖି କ୍ୟାମେରାରେ କଏଦ କରିଥିଲେ। ପାର୍କ ପ୍ରଶାସନ ଏହି ଆବିଷ୍କାରକୁ ପ୍ରକୃତିର ଏକ ମୂଲ୍ୟବାନ ଉପହାର ବୋଲି କହି ଫେସ୍‌ବୁକ୍‌ରେ ସେମାନଙ୍କର ଫଟୋ ଶେୟାର କରିଛି।

କାଏଙ୍ଗ କ୍ରାଚାନ ଜାତୀୟ ଉଦ୍ୟାନ ମଧ୍ୟ ଏହି ସୁଯୋଗକୁ ବ୍ୟବହାର କରି କହିବାକୁ ଚେଷ୍ଟା କରିଥିଲା ଯେ, ଜଙ୍ଗଲର ପରିବେଶ ଏବଂ ପୃଥିବୀରେ ଜୈବ ବିବିଧତା ପାଇଁ ଏପରି ବିରଳ ପ୍ରଜାତିର ଉପସ୍ଥିତି କେତେ ଗୁରୁତ୍ୱପୂର୍ଣ୍ଣ। ସେମାନେ ବିଶ୍ୱାସ କରନ୍ତି ଯେ ରାଜା କଙ୍କଡ଼ାର ବଞ୍ଚିବା ଏକ ସଙ୍କେତ। ଏଠାରେ ଜଙ୍ଗଲ ସୁସ୍ଥ ଏବଂ ସୁରକ୍ଷିତ। ଏହା ସେମାନଙ୍କର ସଂରକ୍ଷଣ ପ୍ରୟାସର ସଫଳତାକୁ ପ୍ରତିଫଳିତ କରେ। ପାର୍କର ସୋସିଆଲ ମିଡିଆ ପୋଷ୍ଟରେ ଲେଖାଯାଇଛି, ରାଜା କଙ୍କଡ଼ାର ଉପସ୍ଥିତି କେବଳ ଏକ ବିରଳ ପ୍ରାଣୀର ଆବିଷ୍କାର ନୁହେଁ, ବରଂ ଏହା ପାର୍କର ପରିବେଶର ଶକ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ସଙ୍କେତ। ଏହି ବିଶ୍ୱ ଐତିହ୍ୟସ୍ଥଳ ଏବେ ଏହାର ଆଶ୍ଚର୍ଯ୍ୟଜନକ ଜୈବ ବିବିଧତା ପାଇଁ ସାରା ବିଶ୍ୱରେ ଜଣାଶୁଣା ହେବ ଏବଂ ଏହି ସଂରକ୍ଷିତ ବନ୍ୟପ୍ରାଣୀର ଅସ୍ତିତ୍ୱ ଜଙ୍ଗଲର ଉତ୍କୃଷ୍ଟ ପରିବେଶର ପ୍ରମାଣ। ସିରିଣ୍ଡହର୍ନ କଙ୍କଡ଼ା ନାମରେ ମଧ୍ୟ ଜଣାଶୁଣା ରାଜା କଙ୍କଡ଼ା, ଥାଇଲାଣ୍ଡର ରାଜକୁମାରୀ ମହାଚକ୍ରୀ ସିରିଣ୍ଡହର୍ନଙ୍କ ନାମରେ ନାମିତ। ଆଶ୍ଚର୍ଯ୍ୟଜନକ ଭାବରେ, ଏହି ପ୍ରଜାତି ପାଣ୍ଡା ପରିବାରର। ସାଧାରଣତଃ ପାଣ୍ଡା କଙ୍କଡ଼ା ସେମାନଙ୍କର ଧଳା ଏବଂ କଳା ପ୍ୟାଟର୍ଣ୍ଣ ପାଇଁ ଜଣାଶୁଣା, କିନ୍ତୁ ଏହି ବାଇଗଣୀ ସଂସ୍କରଣ ଅତ୍ୟନ୍ତ ବିରଳ। ପାଣ୍ଡା କଙ୍କଡ଼ା ବିଷୟରେ ବହୁତ କମ ସୂଚନା ଉପଲବ୍ଧ, ଏବଂ ଲୋକମାନେ ସେମାନଙ୍କର ବାଇଗଣୀ ରୂପ ବିଷୟରେ ଆହୁରି କମ ଜାଣନ୍ତି। ନ୍ୟାଶନାଲ ଜିଓଗ୍ରାଫିକର ୨୦୧୨ ରିପୋର୍ଟ ଅନୁଯାୟୀ, ଜର୍ମାନୀର ସେନକେନବର୍ଗ ପ୍ରାଣୀ ବିଜ୍ଞାନ ସଂଗ୍ରହାଳୟର ବୈଜ୍ଞାନିକ ହେଣ୍ଡ୍ରିକ ଫ୍ରିଟାଗ ଅଧ୍ୟୟନରେ କହିଛନ୍ତି ଯେ, ଏହି କଙ୍କଡ଼ାର ବାଇଗଣୀ ରଙ୍ଗ 'ଦୌଡ଼କୁ' ବିକଶିତ ହୋଇଥାଇପାରେ। ତାଙ୍କ ଅନୁସାରେ, ଏହି ବିଶେଷ ବାଇଗଣୀ ରଙ୍ଗ କୌଣସି ନିର୍ଦ୍ଦିଷ୍ଟ କାରଣ କିମ୍ବା କାର୍ଯ୍ୟ ପାଇଁ ନୁହେଁ ବରଂ କେବଳ ଚିହ୍ନଟର ଏକ ସାଧାରଣ ଦୃଶ୍ୟ ଚିହ୍ନ ଭାବରେ ବିକଶିତ ହୋଇଥାଇପାରେ। ସୋସିଆଲ ମିଡିଆରେ ଏହା କୌତୁହଳ ଏବଂ ଆଶ୍ଚର୍ଯ୍ୟ ଉଭୟ ସୃଷ୍ଟି କରିଛି। ଲୋକମାନେ କେବଳ ଏହାର ରଙ୍ଗ ପ୍ରତି ଆକର୍ଷିତ ନୁହନ୍ତି, ବରଂ ଏହାର ବିରଳତାକୁ ନେଇ ଚର୍ଚ୍ଚା କରୁଛନ୍ତି। ପ୍ରକୃତିରେ ଏପରି ପ୍ରାଣୀଙ୍କ ବଞ୍ଚିବା ଆମକୁ ମନେ ପକାଇ ଦିଏ ଯେ ଜୈବ ବିବିଧତାକୁ ସୁରକ୍ଷା ଏବଂ ସଂରକ୍ଷଣ ପାଇଁ କରାଯାଇଥିବା ପ୍ରୟାସ କେତେ ଗୁରୁତ୍ୱପୂର୍ଣ୍ଣ, କାରଣ ଏହି ପ୍ରୟାସଗୁଡ଼ିକ ଏହି ଆଶ୍ଚର୍ଯ୍ୟଜନକ ପ୍ରାଣୀ ଏବଂ ସେମାନଙ୍କର ବାସସ୍ଥାନକୁ ଭବିଷ୍ୟତ ପିଢ଼ି ପାଇଁ ସୁରକ୍ଷିତ ରଖେ।



# ସୁପର୍ ଆର୍ଥ

ଆମେରିକୀୟ ମହାକାଶ ସଂସ୍ଥା (ନାସା) ପକ୍ଷରୁ ୧୫୪ ଆଲୋକବର୍ଷ ଦୂରରେ ଏକ ରହସ୍ୟମୟ ବିଶାଳ ଗ୍ରହ 'ସୁପର ଆର୍ଥ'କୁ ଆବିଷ୍କାର କରାଯାଇଛି। ଏହି ଗ୍ରହଠାରୁ ବାରମ୍ବାର ରହସ୍ୟମୟ ସଙ୍କେତ ଆସୁଥିବା ନାସା କହିଛି। ଏହି ବିଶାଳ ଗ୍ରହର ନାମ 'ଟିଓଆଇ-୧୮୪୬ ବି' ରଖାଯାଇଥିବା ବେଳେ ଏହା ପୃଥିବୀ ଅପେକ୍ଷା ପ୍ରାୟ ୨ ଗୁଣା ଚଉଡ଼ା ଏବଂ ପ୍ରାୟ ୪ ଗୁଣ ଓଜନିଆ। ବୈଜ୍ଞାନିକମାନେ ଏହି ଗ୍ରହକୁ ନର୍ଦେନ ସ୍କାଏର ଲିରା ନକ୍ଷତ୍ରମଣ୍ଡଳରେ ଆବିଷ୍କାର କରିଛନ୍ତି।

ଏହି ସୁପର ଆର୍ଥର ପତଳା ବାୟୁମଣ୍ଡଳ ତଳେ ଘନ ବରଫର ଏକ ସ୍ତର ଥାଇପାରେ କିମ୍ବା ହୁଏତ ଅଳ୍ପ ଗଭୀର ସମୁଦ୍ର ଥାଇପାରେ ବୋଲି ବୈଜ୍ଞାନିକମାନେ ଅନୁମାନ କରୁଛନ୍ତି। ଏହି 'ସୁପର ଆର୍ଥ'ର ପୃଷ୍ଠ ତାପମାତ୍ରା ୩୦୦ ଡିଗ୍ରୀ ସେଲ୍‌ସିୟସ (ପ୍ରାୟ ୬୦୦ ଡିଗ୍ରୀ ଫାରେନହାଇଟ) ଥିବା ଜଣାପଡ଼ିଛି। ଏହାସତ୍ତ୍ୱେ ମଧ୍ୟ ସେଠାରେ ଜଳର ଉପସ୍ଥିତି ନେଇ ସମ୍ଭାବନା ରହିଥିବା ବୈଜ୍ଞାନିକମାନେ ଅନୁମାନ କରିଛନ୍ତି। ଏହି ଗ୍ରହର ଗୋଟିଏ ପାର୍ଶ୍ୱ ସର୍ବଦା ତାରା ଆଡ଼କୁ ମୁହଁ କରି ରହୁଥିବା ବେଳେ ଅନ୍ୟ ପାର୍ଶ୍ୱଟି ଅନ୍ଧାରରେ ରହିଥାଏ। ତେଣୁ ଜଳ ହୁଏତ ଗ୍ରହର ଶୀତଳ ଏବଂ ଅନ୍ଧାର ପାର୍ଶ୍ୱରେ ଲୁଚି ରହିଥିବା ନେଇ ବୈଜ୍ଞାନିକମାନେ କହିଛନ୍ତି। ତେବେ ଏହାର ବାୟୁମଣ୍ଡଳରେ ତାପ କିପରି ପ୍ରବାହିତ ହେଉଛି, ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ଉପରେ ଜଳର ଉପସ୍ଥିତି ନିର୍ଭର କରୁଛି। ତେବେ ତାପମାତ୍ରା ଅତ୍ୟଧିକ ଥିବାରୁ ଏହି ଗ୍ରହରେ ଜୀବନଯାପନ ଅସମ୍ଭବ ବୋଲି ବୈଜ୍ଞାନିକମାନେ ସ୍ପଷ୍ଟ କରିଛନ୍ତି। 'ଟିଓଆଇ-୧୮୪୬ ବି' ଗ୍ରହର ଆବିଷ୍କାରକୁ ନିଶ୍ଚିତ କରି ମରକ୍କୋସ୍ଥିତ ଓକାଇମେଡେନ୍ ଅବ୍‌ଜରଭେଟୋରିରେ କାର୍ଯ୍ୟରତ ବରିଷ୍ଠ ବୈଜ୍ଞାନିକ ଆବ୍‌ଦେରାହମାନ୍ ସୌବକିଉ କହିଛନ୍ତି, ନାସାର ଟ୍ରାନ୍‌ଜିଟିଂ ଏକ୍ସୋପ୍ଲାନେଟ ସର୍ଭେ ସାଟେଲାଇଟ (ଟିଇଏସ୍‌ଏସ୍), ମଲ୍ଟିକଲର ଗ୍ରାଉଣ୍ଡ ବେସ୍‌ଡ ଫଟୋମେଟିକ୍ ଡେଟା, ହାଇ ରିଜୋଲ୍ୟୁସନ ଇମେଜିଂ, ସ୍ପେକ୍ଟ୍ରୋସ୍କୋପିକ୍ ଅବଜରଭେସନ୍ସ ଆଦିର ବ୍ୟବହାରରେ ଏହି ସୁପର ଆର୍ଥର ଆବିଷ୍କାର କରାଯାଇଛି।

# ମଶା କାମୁଡୁଥିଲେ...

**ଏବେ ଲଘୁଚାପ ବର୍ଷା ଯୋଗୁଁ ଚାରିଆଡ଼େ ସନ୍ତସନ୍ତିଆ ରହିଛି। ଅନେକ ସ୍ଥାନ ଜଳମଗ୍ନ ହେବା ସହ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ବର୍ଷା ଯୋଗୁ ଚାରିଆଡ଼େ ଓଦା ସନ୍ତସନ୍ତିଆ ହୋଇ ମଶା ବଂଶ ବୃଦ୍ଧି ପାଏ। ମଶା କାମୁଡ଼ିବା ଦ୍ୱାରା ଡେଙ୍ଗୁ, ମ୍ୟାଲେରିଆ ରୋଗ ତ ହୁଏ, ତା' ସହିତ ଶାନ୍ତିରେ ଶୋଇ ହୁଏନି। ଏବେ କରୋନା ସାଙ୍ଗକୁ ମଶାକାମୁଡ଼ା ଜନିତ ରୋଗର ଚିନ୍ତା ବି ବଢ଼ିଯାଇଛି। ରାସାୟନିକ ସାମଗ୍ରୀ ବଦଳରେ ହାତପାଆନ୍ତାରେ ମିଳୁଥିବା କେତେକ ପ୍ରାକୃତିକ ଜିନିଷ ବ୍ୟବହାର କରି ମଶା ଦାଉରୁ ସୁରକ୍ଷିତ ରହିପାରିବେ।**

- ❖ ଲବଙ୍ଗ ତେଲ ଓ ନଡ଼ିଆ ତେଲ ମିଶାଇ ଦେହରେ ଲଗାଇଲେ ମଶା ପାଖକୁ ଆସିବେ ନାହିଁ।
- ❖ ସେହିପରି ନିମ୍ବ ଓ ନଡ଼ିଆ ତେଲ ଭଲ ଭାବେ ମିଶାଇ ଦେହରେ ଲଗାଇଲେ ମଶା ପାଖକୁ ଆସିବେନି।
- ❖ ଲେମ୍ବୁରସ ଏବଂ ନୀଳଗିରି ତେଲ ଏକ ପାତ୍ରରେ ମିଶାଇ ଦେହରେ ଲଗାଇଲେ ମଶା କାମୁଡ଼ିବେ ନାହିଁ।
- ❖ ରସୁଣ ଗନ୍ଧ ମଶାଙ୍କ ପାଇଁ ଅସହ୍ୟ। କେତୋଟି ପାଖୁଡ଼ା ରସୁଣ ଛେଚି ପାଣିରେ ଫୁଟାଇ ଦିଅନ୍ତୁ ଏବଂ ସେହି ପାଣି ଦେହରେ ଛିଞ୍ଚି ହୋଇଗଲେ ମଶା କାମୁଡ଼ାରୁ ସୁରକ୍ଷିତ ରହିବେ। ପୋଦିନା ପତ୍ର ଛେଚି ଏହାର ରସ ମଧ୍ୟ ଦେହରେ ଲଗାଇପାରନ୍ତି।
- ❖ ଘର ପାଖରେ ନିମତେଲ ସିଞ୍ଚନ କରିବା ତଥା ନିଜ ଦେହରେ ଲଗାଇବା ଦ୍ୱାରା ମଶା ଆସିବେନି।
- ❖ ମଶା କାମୁଡ଼ା ଯୋଗୁଁ ଅଧିକ କୁଣ୍ଡେଇ ହେଉଥିଲେ ମହୁ, ଘିକୁଆଁରୀ ଜେଲ ମଧ୍ୟ ଲଗାଇ ପାରିବେ।
- ❖ ଅଳ୍ପ ବେକିଂ ସୋଡ଼ା ନେଇ ଏଥିରେ ଟିକେ ପାଣି ମିଶାଇ ମଶା କାମୁଡ଼ା ଜାଗାରେ ଲଗାଇ ଦେଇପାରିବେ। ଏହାର ୧୦-୧୫ ମିନିଟ ପରେ ପାଣିରେ ଧୋଇଦିଅନ୍ତୁ। ଯନ୍ତ୍ରଣା କମିଯିବ।

# କ୍ଷୀର ସହ ଖାଆନ୍ତୁ ନାହିଁ ଏସବୁ ଖାଦ୍ୟ

କ୍ଷୀର ସ୍ୱାସ୍ଥ୍ୟ ପାଇଁ ବହୁତ ଭଲ। ଏ କଥା ସମସ୍ତେ ଜାଣନ୍ତି। କ୍ଷୀରରେ ଥିବା ପୋଷକ ତତ୍ତ୍ୱ ଆମ ଶରୀର ପାଇଁ ଲାଭଦାୟୀ। ହେଲେ କ୍ଷୀର ସହ ଆମେ କେଉଁ ଖାଦ୍ୟ ଖାଇବା ଉଚିତ ଓ କେଉଁ ଖାଦ୍ୟ ଖାଇବା ଅନୁଚିତ ତାହା ଜାଣିବା ନିହାତି ଦରକାର। ଯଦି ଜାଣି ନାହାନ୍ତି, ତେବେ ଆସନ୍ତୁ ଜାଣିବା କ୍ଷୀର ସହ କେଉଁ ଖାଦ୍ୟ ଖାଇବାକୁ ଡାକ୍ତର ପରାମର୍ଶ ଦେଇଥାନ୍ତି।

**ଦହି:** କ୍ଷୀର ସହ ଦହି ଖାଇବା ଉଚିତ ନୁହେଁ। ଏହାକୁ ଏକାଠି ଖାଇଲେ ଏସିଡିଟି, ଗ୍ୟାସ ଓ ବାନ୍ତି ଭଳି ସମସ୍ୟା ହୋଇଥାଏ। ଦହି ଖାଇବାର ପ୍ରାୟ ଦେଢ଼ ଘଣ୍ଟା ପରେ କ୍ଷୀର ପିଇବା ଉଚିତ।

**ବିରି:** ବିରିରେ ତିଆରି କୌଣସି ଜିନିଷ ଖାଇ କେବେ ହେଲେ କ୍ଷୀର ପିଅନ୍ତୁ ନାହିଁ। ଏହା ଆପଣଙ୍କ ଶରୀରର କ୍ଷତିକାରକ ହୋଇଥାଏ।

**ଫଳ:** କ୍ଷୀର ସହ କମଳା, ସପୁରୀ, ଡାଳିମ୍ବ ପରି ଖଟା ଫଳ ଖାଆନ୍ତୁ ନାହିଁ। ଏହା ଶରୀର ପକ୍ଷେ ହାନିକାରକ। ଏହା ଦ୍ୱାରା ଏସିଡିଟି ହୋଇ ବାନ୍ତି ହୋଇପାରେ। ଏହା ବ୍ୟତୀତ କଦଳୀ ଖାଇ କ୍ଷୀର ପିଅନ୍ତୁ ନାହିଁ। ଏହି ଦୁଇଟିକୁ ଏକାଠି ନେଲେ କଫ ଜମି ଯାଇଥାଏ। ତେଣୁ ଥଣ୍ଡା ହୋଇଥିଲେ ଏହି ଦୁଇଟିକୁ ଏକାଠି ନ ଖାଇବା ଭଲ।

**ବ୍ରେଡ ବଟର:** କ୍ଷୀର ନିଜେ ହିଁ ଏକ ସମ୍ପୂର୍ଣ୍ଣ ଆହାର। ଏହା ସହ ବ୍ରେଡ ଓ ବଟର ପେଟରେ ଅଧିକ ଭାରି ହୋଇଥାଏ। ଆୟୁର୍ବେଦ ଅନୁଯାୟୀ ପ୍ରୋଟିନ, କାର୍ବୋହାଇଡ୍ରେଟ ଓ ଫ୍ୟାଟ ଏକାଠି ଅଧିକ ପରିମାଣରେ ପେଟକୁ ନେବା କ୍ଷତିକାରକ।

**ମାଛ:** କ୍ଷୀର ସହ କେବେ ହେଲେ ମାଛ ଖାଆନ୍ତୁ ନାହିଁ। ଏହା ଦ୍ୱାରା ଗ୍ୟାସ, ଆଲର୍ଜି ଓ ତ୍ୱଚା ଜନିତ ସମସ୍ୟା ଦେଖାଯାଇଥାଏ।

**ଛଣା ଖାଦ୍ୟ:** କ୍ଷୀରରେ ଭିଟାମିନ, ପ୍ରୋଟିନ, ଲ୍ୟାକ୍ଟସ, ସୁଗାର ଓ ମିନେରାଲ ଭଳି ତତ୍ତ୍ୱ ରହିଛି। ତେଣୁ ଏହା ସହ ଛଣା ବା ନମକିନ ଖାଦ୍ୟ ଖାଇଲେ ପାଚନ କ୍ରିୟା ପ୍ରଭାବିତ ହୋଇଥାଏ। ଲଗାତାର ଭାବେ ଏହାକୁ ଖାଇଲେ ସମସ୍ୟାରେ ପଡ଼ିପାରନ୍ତି।

**ରାଶି:** କ୍ଷୀର ସହ କେବେ ବି ରାଶି ବା ଖସା ଖାଇବା ଉଚିତ ନୁହେଁ। ଏହା ସମସ୍ୟା ସୃଷ୍ଟି କରିଥାଏ।

# ପ୍ରାକୃତିକ ଶୋଭାରେ ଭରା ଶୋଜା



ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରିବା ସହ ବିଭିନ୍ନ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀଗୁଡ଼ିକୁ ଦେଖିବାର ସୁଯୋଗ ରହିଛି ହିମାଚଳ ପ୍ରଦେଶର ଶୋଜାଠାରେ। ଖାସ୍ ସେଥିପାଇଁ ବର୍ଷର ସବୁ ସମୟରେ ଏଠାରେ ପର୍ଯ୍ୟଟକଙ୍କର ଭିଡ଼ ଦେଖିବାକୁ ମିଳେ। ବିଶେଷକରି ପ୍ରକୃତିପ୍ରେମୀଙ୍କର ଏଠି ବେଶୀ ଗହଳି ଦେଖାଯାଏ...

ଶୋଜା ହେଉଛି ହିମାଚଳ ପ୍ରଦେଶର ଏମିତି ଏକ ଗାଁ; ଯେଉଁଠାରେ ପ୍ରକୃତିର ଅପୂର୍ବ ସୌନ୍ଦର୍ଯ୍ୟକୁ ମନଭରି ଉପଭୋଗ କରିହେବ। ଜାଲୋରି ପାସ୍‌ଠାରୁ ମାତ୍ର ୫ କି.ମି ଦୂରରେ ଥିବା ଏହି ସ୍ଥାନର ଜଳବାୟୁ ବର୍ଷସାରା ବେଶ୍ ମନୋରମ ରହିଥାଏ। ଗୋଟେ ପଟେ ବରଫରେ ଢାଙ୍କି ହୋଇ ରହିଥିବା ହିମାଳୟ କ୍ଷେତ୍ରର ଅପୂର୍ବ ଶୋଭାକୁ ଏହି ଗାଁ ନିକଟରୁ ଦେଖିବା ଆକର୍ଷଣୀୟ ଲାଗୁଥିବାବେଳେ ଅନ୍ୟପଟେ ଗାଁ ପାଖରେ ଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳୀର ସୌନ୍ଦର୍ଯ୍ୟ ପର୍ଯ୍ୟଟକଙ୍କୁ ବେଶ୍ ମତୁଆଲା କରିଥାଏ। ଖାସ୍ ସେଥିପାଇଁ ଏଠାରେ ପ୍ରାୟତଃ ପର୍ଯ୍ୟଟକଙ୍କର ଭିଡ଼ ପରିଲକ୍ଷିତ ହୋଇଥାଏ।

## କ'ଣ ଦେଖିବେ

ସୂଚନାନୁଯାୟୀ, ଶୋଜା ଗାଁଟି କୁଆଡ଼େ ଗ୍ରେଟ୍ ହିମାଳୟାନ ନ୍ୟାସନାଲ୍ ପାର୍କର ମଧ୍ୟ ଏକ ଅଂଶ; ସେଥିପାଇଁ ଏଠାରେ ପର୍ଯ୍ୟଟକ ବିଭିନ୍ନ ଦୁର୍ଲ୍ଲଭ ପ୍ରଜାତିର ପଶୁପକ୍ଷୀ ସମେତ ନାନା କିସମର ବନସ୍ପତି ବୃକ୍ଷ ଦେଖିବାର ସୁଯୋଗ ପାଇପାରିବେ। ତା'ଛଡ଼ା ଶୋଜାର ନିକଟବର୍ତ୍ତୀ ଅଞ୍ଚଳରେ ଅନେକ ଛୋଟବଡ଼ ପାହାଡ଼, ଝରଣା, ହ୍ରଦ ସମେତ ବହୁ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ବି ଦେଖିପାରିବେ। ଯେମିତିକି: ୱାଟର୍ ଫଲ୍ ପଏଣ୍ଟ, ଜାଲୋରି ପାସ୍, ସେରୋଲସାର ହ୍ରଦ, ତିର୍ଥାନ୍ ଉପତ୍ୟାକା, ରଘୁପୁର ଦୁର୍ଗ ଇତ୍ୟାଦି ଅନ୍ୟତମ। ପର୍ଯ୍ୟଟକ ଚାହିଁଲେ ଏସବୁ ସ୍ଥାନକୁ ମଧ୍ୟ ବୁଲି ଯାଇପାରିବେ।

## ଦୁଃସାହସିକ କ୍ରୀଡ଼ାର ଆନନ୍ଦ


ଶୋଜାରେ ଯେହେତୁ ପାହାଡ଼ ଓ ଜଳାଶୟ ଆଦି ରହିଛି, ତେଣୁ ଏଠାରେ ଟ୍ରେକିଂ, ବୋଟିଂ ତଥା କାୟାକିଂ ଭଳି ଦୁଃସାହସିକ କ୍ରୀଡ଼ାର ବେଶ୍ ଭଲ ସୁବିଧା ଉପଲବ୍ଧ ଅଛି। ଏଥିରେ ରୁଚି ରଖୁଥିବା ପର୍ଯ୍ୟଟକ ଏଠାରେ ଏହି ସବୁ କ୍ରୀଡ଼ାର ଭରପୂର ଆନନ୍ଦ ନେଇପାରିବେ। ତା'ଛଡ଼ା ଏଠାରେ ଏହି ସବୁ କ୍ରୀଡ଼ା ଉପରେ ଗାଇଡ୍‌ମାନଙ୍କ ଦ୍ୱାରା ତାଲିମ୍ ଦେବାର ବ୍ୟବସ୍ଥା ବି ରହିଛି।

## ପକ୍ଷୀ ଦେଖିବାର ସୁଯୋଗ

ଜଙ୍ଗଲିଆ ପରିବେଶ ସାଙ୍ଗକୁ ଜଳାଶୟ ଥିବାରୁ ଏଠାରେ ବିଭିନ୍ନ ପକ୍ଷୀମାନଙ୍କୁ ଦେଖିବାର ସୁଯୋଗ ମିଳିଥାଏ। ଖାସ୍ କରି ଶୀତଦିନ ହେଲେ ଦେଶ ବିଦେଶରୁ ବହୁ ସଂଖ୍ୟାରେ ପକ୍ଷୀ ଏଠାକୁ ଉଡ଼ି ଆସିଥାନ୍ତି। କେବଳ ପକ୍ଷୀ ନୁହଁନ୍ତି ଏଠାରେ ନାନା ଜାତିର ପ୍ରଜାପତିଙ୍କୁ ବି ଦେଖୁବାର ସୁବିଧା ରହିଛି।

## କେବେ ଓ କେମିତି ଯିବେ

ବର୍ଷର ଯେ କୌଣସି ସମୟରେ ଏଠାକୁ ଯିବାର ସୁବିଧା ରହିଛି। ଏଠାକାର ପ୍ରାକୃତିକ ସୁନ୍ଦରତା ତଥା ଶାନ୍ତ ବାତାବରଣରେ କିଛି ସମୟ ବିତାଇବା ପାଇଁ ବର୍ଷର ସବୁ ସମୟରେ ଏଠାରେ ପର୍ଯ୍ୟଟକଙ୍କର ଭିଡ଼ ପରିଲକ୍ଷିତ ହୋଇଥାଏ। ଖାସ୍ କରି ଜୁନ୍ ମାସ ବେଳକୁ ଏଠାକାର ପାହାଡ଼ ତଳିଆ ଅଞ୍ଚଳରେ ବିଭିନ୍ନ ପ୍ରକାର ଫୁଲ ଫୁଟିଥିବାର ଦେଖିବାକୁ ମିଳେ। ପର୍ଯ୍ୟଟକ ଚାହିଁଲେ ଏହି ସମୟରେ ମଧ୍ୟ ଏଠାକୁ ବୁଲିବାକୁ ଯାଇପାରିବେ। ସେହିପରି ଶୋଜାକୁ ଯିବା ପାଇଁ ସଡ଼କପଥ ହେଉ କି ରେଳପଥ ତଥା ଆକାଶପଥ ମଧ୍ୟ ଭଲ ସୁବିଧା ରହିଛି।



## ନୃସିଂହଙ୍କ କ୍ରୋଧ ଶାନ୍ତ କରିଥିଲେ ଶିବ

ଭଗବାନ ବିଷ୍ଣୁଙ୍କୁ ପାଳନକର୍ତ୍ତା ବୋଲି କୁହାଯିବା ବେଳେ ଭଗବାନ ଶିବଙ୍କୁ ସଂହାରକର୍ତ୍ତା ବୋଲି କୁହାଯାଇଥାଏ। ହିନ୍ଦୁ ଧର୍ମର ମାନ୍ୟତା ଅନୁଯାୟୀ ଏ ଦୁଇ ଭଗବାନ ପରସ୍ପରର ପୂଜା ବିଧି କରିଥାନ୍ତି। ତେବେ ଲିଙ୍ଗ ପୁରାଣରେ ଏହି ଦୁଇ ଦେବଙ୍କ ମଧ୍ୟରେ ଯୁଦ୍ଧ ହୋଇଥିବାର ଉଲ୍ଲେଖ ରହିଛି। ହିରଣ୍ୟକଶ୍ୟପକୁ ବଧ କରିବା ପାଇଁ ଭଗବାନ ବିଷ୍ଣୁ ନୃସିଂହ ଅବତାର ଗ୍ରହଣ କରିଥିଲେ। ଭଗବାନ ଯେତେବେଳେ ନୃସିଂହ ଅବତାର ରୂପ ନେଲେ, ସେତେବେଳେ ସମସ୍ତେ ଭୟଭୀତ ଓ ଭୀତତ୍ରସ୍ତ ହେଲେ। ଭଗବାନ ବିଷ୍ଣୁ ଭକ୍ତ ପ୍ରହଲ୍ଲାଦକୁ ରକ୍ଷା କରି ହିରଣ୍ୟକଶ୍ୟପକୁ ମାରିବା ପରେ ମଧ୍ୟ ତାଙ୍କର କ୍ରୋଧ ଶାନ୍ତ ହେଲା ନାହିଁ। ଦେବଗଣ ଓ ମନୁଷ୍ୟଗଣ ନୃସିଂହ ଭଗବାନଙ୍କୁ ଭୟଭୀତ ହେବାର ଦେଖି ଶିବ ତାଙ୍କ ଅଂଶ ବୀରଭଦ୍ରଙ୍କୁ ଭଗବାନ ବିଷ୍ଣୁଙ୍କ କ୍ରୋଧ ଶାନ୍ତ କରିବାର ଆଦେଶ ଦେଲେ। ବୀରଭଦ୍ର ଭଗବାନ ନୃସିଂହଙ୍କ ନିକଟରେ ପହଞ୍ଚି ତାଙ୍କର ସ୍ତୁତିଗାନ କରିବାରେ ଲାଗିଲେ। କିନ୍ତୁ ନୃସିଂହଙ୍କର କ୍ରୋଧାଗ୍ନି ଶାନ୍ତ ହେଲା ନାହିଁ। ଏହା ପରେ ବୀରଭଦ୍ର ଉତ୍କ୍ଷିପ୍ତ ହୋଇ ଉଠିଲେ। ଶିବଙ୍କ କୃପାରୁ ବୀରଭଦ୍ରଙ୍କ ରୂପ ଅତ୍ୟନ୍ତ ଭୟାନକ, ବ୍ୟାପକ ତଥା ବିସ୍ତୃତ ହୋଇଗଲା। ଭଗବାନ ଶିବ ତାଙ୍କ ଲାଞ୍ଜରେ ନୃସିଂହଙ୍କୁ ଗୁଡାଇ ଛାତିରେ ପ୍ରହାର କରି ଉଡିବାରେ ଲାଗିଲେ। ତା'ପରେ ଯାଇ ନୃସିଂହଙ୍କ କ୍ରୋଧାଗ୍ନି ଶାନ୍ତ ହୋଇଥିଲା। ସେହି ସମୟର ଶଙ୍କରଙ୍କ ରୂପ ଅଧାମୃଗ ତଥା ଶେଷ ଶରଭ ପକ୍ଷୀ ଭଳି ହୋଇଯାଇଥିଲା। ଭଗବାନ ଶଙ୍କରଙ୍କର ଏହି ଅବତାର ଚପଳତା, ଶକ୍ତି ତଥା ବୁଦ୍ଧିର ପ୍ରତୀକ ଅଟେ।

# ଫିଡେ ଗ୍ରାଣ୍ଡ୍ ସ୍ୱିସ୍ ଶୀର୍ଷରେ ନିହାଲ୍ ସରିନ୍



ସମରକନ୍ଦ: ଭାରତୀୟ ଗ୍ରାଣ୍ଡମାଷ୍ଟର୍ ନିହାଲ ସରିନ୍ ଚମତ୍କାର ବିଜୟ ସହିତ ପରମ ମଘସୂଦଲୁଙ୍କ ଅଜେୟ ଅଭିଯାନରେ ବ୍ରେକ୍ ଲଗାଇ ଫିଡେ ଗ୍ରାଣ୍ଡ୍ ସ୍ୱିସ୍ ଚେସ୍ ଟୁର୍ଣ୍ଣାମେଣ୍ଟର ସପ୍ତମ ରାଉଣ୍ଡ୍ ପରେ ସଂଯୁକ୍ତ ଶୀର୍ଷରେ ରହିଛନ୍ତି। ମଘସୂଦଲୁଙ୍କ ବିପକ୍ଷରେ ବିଜୟ ହାସଲ ଫଳରେ ନିହାଲ୍ ଜର୍ମାନୀ ବ୍ଲୁବାନଙ୍କ ସହ ସଂଯୁକ୍ତ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଜର୍ମାନୀର ଏହି ଖେଳାଳି ଭାରତର ଅର୍ଜୁନ ଏରିଗାସୀଙ୍କୁ ହରାଇଥିଲେ। ମହିଳା ବର୍ଗରେ ମଧ ଆର୍. ବୈଶାଳୀ ନିଜ ଉନ୍ନତ ପ୍ରଦର୍ଶନ ଜାରିରଖି ଏକକ ଅଗ୍ରଣୀ ଲାଭ କରିଛନ୍ତି। ଗତ ଥରର ବିଜେତା ବୈଶାଳୀ ଚୀନ୍‌ର ଗୁଓ କ୍ୟୁ'ଙ୍କୁ ହରାଇବା ପରେ ରୁଷର କାଟରିନା ଲାଗନୋଙ୍କଠାରୁ ଅଧା ପଏଣ୍ଟ୍ ଆଗରେ ରହିଛନ୍ତି। ତେବେ ବିଶ୍ୱ ଚାମ୍ପିଅନ୍ ଡି. ଗୁକେଶଙ୍କ ସଂଘର୍ଷ ଜାରି ରହିଛି ଏବଂ ଗୁରୁବାର ତାଙ୍କୁ ଲଗାତାର ତୃତୀୟ ପରାଜୟର ସାମ୍ନା କରିବାକୁ ପଡ଼ିଛି। ସପ୍ତମ ରାଉଣ୍ଡ୍‌ରେ ତାଙ୍କୁ ତୁର୍କୀର ଏଡିଜ୍ ଗୁରେଲ୍ ହରାଇଛନ୍ତି। ଫଳରେ ଲାଇଭ୍ ବିଶ୍ୱ ର୍ୟାଙ୍କିଙ୍ଗ୍‌ରେ ସେ ୧୦ମ ସ୍ଥାନକୁ ଖସିଯାଇଛନ୍ତି। ଓପନ୍ ବର୍ଗରେ ଗତ ଚାମ୍ପିଅନ୍ ବିଦିତ୍ ଗୁଜରାଟି ଫ୍ରେଞ୍ଚ୍ ଜିଏମ୍ ମାର୍କେଣ୍ଡ୍ରିୟା ମୋରିଜ୍ଜିଙ୍କ ବିପକ୍ଷରେ ବିଜୟ ସହିତ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଅନ୍ୟପକ୍ଷରେ ଆର୍. ପ୍ରଜ୍ଞାନନ୍ଦ ଇସ୍ରାଏଲ୍‌ର ମାକ୍ସିମ୍ ରୋଡଷ୍ଟାଇନ୍‌ଙ୍କୁ ହରାଇ ଦେଇଛନ୍ତି।

# ଦୁଲୀପ୍ ଟ୍ରଫି ଫାଇନାଲ୍: ପାଟିଦାର ଓ ଯଶ୍ ରାଠୋରଙ୍କ ଶତକ



ବେଙ୍ଗାଲୁରୁ: ସ୍ଥାନୀୟ ବିସିସିଆଇ ସେଣ୍ଟର୍ ଅଫ୍ ଏକ୍ସେଲେନ୍ସ ଗ୍ରାଉଣ୍ଡ୍‌ରେ ଖେଳାଯାଉଥିବା ଦୁଲୀପ୍ ଟ୍ରଫିର ଫାଇନାଲ୍ ମ୍ୟାଚ୍‌ରେ ସାଉଥ୍ ଜୋନ୍ ବିପକ୍ଷରେ ସେଣ୍ଟ୍ରାଲ୍ ଜୋନ୍ ନିଜ ସ୍ଥିତି ସୁଦୃଢ଼ କରିଛି। ମ୍ୟାଚ୍‌ର ଦ୍ୱିତୀୟ ଦିନ ଖେଳ ଶେଷ ବେଳକୁ ସେଣ୍ଟ୍ରାଲ୍ ଜୋନ୍ ପ୍ରଥମ ଇନିଂସ୍‌ରେ ୫ ୱିକେଟ୍ ବିନିମୟରେ ୩୮୪ ରନ୍ କରିଛି। ଏହା ସହିତ ଟିମ୍ ସାଉଥ୍ ଜୋନ୍ ବିପକ୍ଷରେ ୨୩୫ ରନ୍‌ରେ ଆଗୁଆ ରହିଛି। ଶୁକ୍ରବାର ସେଣ୍ଟ୍ରାଲ୍ ଜୋନ୍ ଅସମାପ୍ତ ପ୍ରଥମ ଇନିଂସ୍ ୫୦/୦ ସ୍କୋର୍‌ରୁ ଆଗକୁ ଖେଳିଥିଲା। କ୍ୟାପ୍ଟେନ୍ ରଜତ ପାଟିଦାର ୧୦୧ ରନ୍ କରି ଆଉଟ୍ ହୋଇଥିଲେ। ଷ୍ଟମ୍ପ ବେଳକୁ ଯଶ୍ ରାଠୋର ୧୩୭ ଏବଂ ସାରାଂଶ ଜୈନ୍ ୪୭ ରନ୍ କରି ଅପରାଜିତ ରହିଛନ୍ତି। ଏହା ବ୍ୟତୀତ ଦାନିଶ ମାଲେୱାର ୫୩, ଅକ୍ଷୟ ୱାଡ଼କର ୨୨, ଶୁଭମ୍ ଶର୍ମା ୬ ଏବଂ ଉପେନ୍ଦ୍ର ଯାଦବ ୫ ରନ୍ କରି ଆଉଟ୍ ହୋଇଥିଲେ। ଏହା ପୂର୍ବରୁ ଗୁରୁବାର ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସାଉଥ୍ ଜୋନ୍ ପ୍ରଥମ ଇନିଂସ୍‌ରେ ୧୪୯ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଟିମ୍ ପକ୍ଷରୁ ତନ୍ମୟ ଅଗ୍ରୱାଲ୍ ସର୍ବାଧିକ ୩୧ ରନ୍ କରିଥିଲେ। ତାଙ୍କ ବ୍ୟତୀତ ସଲ୍‌ମାନ୍ ନିଜାର ୨୪, ଅଙ୍କିତ ଶର୍ମା ୨୦, ରିକି ଭୁଇ ୧୫ ଏବଂ ଏମ୍‌ଡି ନିଧେଶ ୧୨ ରନ୍ କରିଥିଲେ। ସେଣ୍ଟ୍ରାଲ୍ ଜୋନ୍ ପକ୍ଷରୁ ସାରାଂଶ ଜୈନ୍ ୫ ଏବଂ କୁମାର କାର୍ତ୍ତିକେୟ ୪ ୱିକେଟ୍ ଅକ୍ତିଆର କରିଥିଲେ।

# ଓଡ଼ିଶା ପ୍ରୋ ଟି୨୦ ଲିଗ୍ ୨୦୨୫:୬ ଟିମ୍‌ର କ୍ୟାପ୍ଟେନ୍ ଓ କୋଚ୍‌ଙ୍କ ନାମ ଘୋଷଣା

କଟକ: ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ (ଓସିଏ) ପକ୍ଷରୁ ବାରବାଟୀ ଷ୍ଟାଡିୟମ୍‌ରେ ହେବାକୁ ଥିବା ଓଡ଼ିଶା ପ୍ରୋ ଟି୨୦ ଲିଗ୍ (ଓପିଟିଏଲ୍)ର ଉଦ୍‌ଘାଟନୀ ସଂସ୍କରଣ ପାଇଁ ୬ ଟିମ୍‌ର କ୍ୟାପ୍ଟେନ୍ ଓ କୋଚ୍‌ଙ୍କ ନାମ ଘୋଷଣା କରାଯାଇଛି। ଗୁରୁବାର ଓସିଏ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଲିଗ୍‌ର ସମସ୍ତ ଫ୍ରାଞ୍ଚାଇଜିଙ୍କ ଦ୍ୱାରା ଗଠିତ ଟିମ୍‌ର ନାମ ମଧ ଆନୁଷ୍ଠାନିକ ଭାବେ ପ୍ରକାଶ କରାଯାଇଛି। ଏହି ଅନୁସାରେ ସ୍ୱସ୍ତିକ ସାମଲ କଟକ ପାନ୍ଥର୍ସ ଟିମ୍‌ର କ୍ୟାପ୍ଟେନ୍ ଏବଂ ପ୍ରଭଞ୍ଜନ ମଲ୍ଲିକ ମୁଖ୍ୟ କୋଚ୍ ଅଛନ୍ତି। ସମ୍ବଲପୁର ୱାରିୟର୍ସର ଶୁଭ୍ରାଂଶୁ ସେନାପତି କ୍ୟାପ୍ଟେନ୍ ଏବଂ ରଶ୍ମିରଞ୍ଜନ ଦାସ କୋଚ୍; ପୁରୀ ଟାଇଟନ୍ସର ସନ୍ଦୀପ ପଟ୍ଟନାୟକ କ୍ୟାପ୍ଟେନ୍ ଏବଂ ସୌରଭ ସେହଗଲ୍ ମୁଖ୍ୟ କୋଚ୍; ଭୁବନେଶ୍ୱର ଟାଇଗର୍ସର ସୂର୍ଯ୍ୟକାନ୍ତ ପ୍ରଦାନ କ୍ୟାପ୍ଟେନ୍ ଏବଂ ପ୍ରୀତମଜିତ୍ ଦାସ ମୁଖ୍ୟ କୋଚ୍; କେନ୍ଦୁଝର ମାଇନର୍ସର ଗୋବିନ୍ଦ ପୋଦ୍ଦାର କ୍ୟାପ୍ଟେନ୍ ଏବଂ ସଞ୍ଜୟ ଶତପଥୀ ମୁଖ୍ୟ କୋଚ୍; ରାଉରକେଲା ଷ୍ଟିଲର୍ସର ଆଶୀର୍ବାଦ ସ୍ୱାଇଁ କ୍ୟାପ୍ଟେନ୍ ଥିବାବେଳେ ସୁଜିତ୍ ବିଶ୍ୱାଳ ମୁଖ୍ୟ କୋଚ୍ ଅଛନ୍ତି। ଅନ୍ୟପକ୍ଷରେ ୧୫ ତାରିଖରୁ ଆରମ୍ଭ ହେବାକୁ ଥିବା ଏହି ଲିଗ୍‌କୁ ଦୁଇଦିନ ଘୁଞ୍ଚାଇ ଦିଆଯାଇଛି। କାର୍ଯ୍ୟକ୍ରମରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା, ଯୁଗ୍ମ ସମ୍ପାଦକ ପ୍ରଭାତ ଭୋଳ, ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ସଞ୍ଜୟ ଭୋଳ, ଓସିଏ ସଦସ୍ୟ ଧୀରେନ ପଲାଇ, ଡ. ଅଞ୍ଜନ କୁମାର ଖୁଣ୍ଟିଆ, ସନ୍ତୋଷ ଦାସ, ଶିବବ୍ରତ ମଲ୍ଲିକ ଏବଂ ଅମିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଭାରତ-ପାକ୍ ମ୍ୟାଚ୍ ରଦ୍ଦ ଦାବି: ସୁପ୍ରିମ୍ କୋର୍ଟରେ ଆବେଦନ ଖାରଜ

ନୂଆଦିଲ୍ଲୀ: ଚଳିତ ଏସିଆ କପ୍‌ରେ ଭାରତ ଓ ପାକିସ୍ତାନ ମଧ୍ୟରେ ସେପ୍ଟେମ୍ବର ୧୪ ତାରିଖରେ ଖେଳାଯିବାକୁ ଥିବା ମ୍ୟାଚ୍ ଉପରେ ରୋକ୍ ଲଗାଇବା ପାଇଁ କରାଯାଇଥିବା ଆବେଦନକୁ ସୁପ୍ରିମ୍‌କୋର୍ଟ ଖାରଜ କରିଦେଇଛନ୍ତି। ବିଚାରପତି ଜେକେ ମାହେଶ୍ୱରୀ ଏବଂ ବିଚାରପତି ବିଜୟ ବିଷ୍ଣୋଇଙ୍କ ଖଣ୍ଡପୀଠ ଏହି ମାମଲାର ତତ୍କାଳ ଶୁଣାଣି କରିବାକୁ ମନା କରିଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, 'ଏହା କେବଳ ଏକ ମ୍ୟାଚ୍, ହେବାକୁ ଦିଆଯାଉ। ମ୍ୟାଚ୍ ରବିବାର ହେବାକୁ ଥିବାବେଳେ ଏବେ କ'ଣ କରାଯାଇପାରିବ ?' ଖଣ୍ଡପୀଠ ଏହା ମଧ କହିଛନ୍ତି, ମ୍ୟାଚ୍ ପରି ଆୟୋଜନକୁ ରୋକିବା କୋର୍ଟଙ୍କ ଅଧିକାର କ୍ଷେତ୍ରରେ ଆସୁନାହିଁ, ବିଶେଷକରି ସୀମିତ ସମୟ ମଧ୍ୟରେ। ଏସିଆ କପ୍‌ରେ ଭାରତ ଓ ପାକିସ୍ତାନ ମଧ୍ୟରେ ତିନିଟି ମ୍ୟାଚ୍ ଖେଳାଯିବାର ସମ୍ଭାବନା ରହିଛି। ପ୍ରଥମ ମ୍ୟାଚ୍ ଲିଗ୍ ପର୍ଯ୍ୟାୟରେ ସେପ୍ଟେମ୍ବର ୧୪ରେ ଦୁବାଇ ଇଣ୍ଟରନାସନାଲ୍ ଷ୍ଟାଡିୟମ୍‌ରେ ଖେଳାଯିବ। ଲିଗ୍ ପର୍ଯ୍ୟାୟ ପରେ ଭାରତ ଓ ପାକିସ୍ତାନ ଯଦି ସୁପର୍-୪ ପର୍ଯ୍ୟାୟରେ ପହଞ୍ଚନ୍ତି ତେବେ ସେପ୍ଟେମ୍ବର ୨୧ରେ ଦୁଇ ଟିମ୍ ଦ୍ୱିତୀୟ ଥର ପାଇଁ ମୁହାଁମୁହିଁ ହେବେ। ସେହିପରି ଉଭୟ ଟିମ୍ ସେମିଫାଇନାଲ୍‌ରେ ପ୍ରବେଶ କଲେ, ସେପ୍ଟେମ୍ବର ୨୮ରେ ପରସ୍ପର ମଧ୍ୟରେ ଟୁର୍ଣ୍ଣାମେଣ୍ଟ୍‌ରେ ତୃତୀୟ ମ୍ୟାଚ୍ ଖେଳାଯିବ।

# ମହିଳା ଦିନିକିଆ ବିଶ୍ୱକପ୍ ୨୦୨୫ ପ୍ୟାନେଲ୍‌ରେ ୪ ଭାରତୀୟ ସାମିଲ



ଦୁବାଇ: ଚଳିତ ମାସ ୩୦ ତାରିଖରୁ ଭାରତ ଓ ଶ୍ରୀଲଙ୍କାରେ ଖେଳାଯିବାକୁ ଥିବା ମହିଳା ଦିନିକିଆ ବିଶ୍ୱକପ୍ ପାଇଁ ଆଇସିସି ଗୁରୁବାର ୧୮ ଜଣିଆ ମ୍ୟାଚ୍ ଅଫିସିଆଲ୍ (୧୪ ଅମ୍ପାୟାର୍, ୪ ରେଫରୀ) ନିଯୁକ୍ତ କରିଛି। ଟୁର୍ଣ୍ଣାମେଣ୍ଟ୍‌ର ୫୨ ବର୍ଷର ଇତିହାସରେ ପ୍ରଥମ ଥର ସମସ୍ତ ମ୍ୟାଚ୍ ଅଫିସିଆଲ୍ ଏବଂ ଅମ୍ପାୟାର୍ ମହିଳା ହେବେ। ଏହା ପୂର୍ବରୁ ଗତ ଦୁଇଟି ଟି-୨୦ ବିଶ୍ୱକପ୍ ଏବଂ ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସମସ୍ତ ମ୍ୟାଚ୍ ଅଫିସିଆଲ୍ ମହିଳା ହିଁ ଥିଲେ। ଅମ୍ପାୟାରିଂ ପ୍ୟାନଲ୍‌ରେ ପୂର୍ବତନ ଭାରତୀୟ ଖେଳାଳି ବୃନ୍ଦା ରାଠୀ, ଏନ୍ ଜନନୀ ଏବଂ ଗାୟତ୍ରୀ ବେଣୁଗୋପାଳନ୍‌ଙ୍କୁ ମଧ ସ୍ଥାନ ମିଳିଛି। ପୂର୍ବତନ ଭାରତୀୟ କ୍ରିକେଟର୍ ଏବଂ ପ୍ରଥମ ମହିଳା ମ୍ୟାଚ୍ ରେଫରି ଜିଏସ୍ ଲକ୍ଷ୍ମୀ ଚାରିଜଣିଆ ମ୍ୟାଚ୍ ରେଫରି ପ୍ୟାନେଲ୍‌ର ସଦସ୍ୟ ହେବେ। ଆଇସିସି ଅଧ୍ୟକ୍ଷ ଜୟ ଶାହ କହିଛନ୍ତି, ମ୍ୟାଚ୍ ଅଫିସିଆଲ୍ ପ୍ୟାନେଲ୍‌ର ସମସ୍ତ ସଦସ୍ୟ ମହିଳା ହେବା ମହିଳା କ୍ରିକେଟ୍‌ରେ ଏକ ଐତିହାସିକ ପଦକ୍ଷେପ ଏବଂ ଏହା ଫଳରେ ସଫଳତାର ଏକ ନୂଆ ଡାଇମେନ୍‌ସନ୍ ଦେଖାଯାଇପାରେ। ସେ ଆହୁରି କହିଛନ୍ତି, ଏହା କେବଳ ଏକ ଉପଲବ୍ଧି ନୁହେଁ, ବରଂ ଆଇସିସି କ୍ରିକେଟ୍‌ରେ ସମାନତା ଅଧିକାରକୁ କିପରି ପ୍ରୋତ୍ସାହିତ କରୁଛି ତାହା ମଧ ଦେଖିବାକୁ ମିଳିଛି।

ଅମ୍ପାୟାର୍: ଲରେନ୍ ଏଜେନ୍‌ବ୍ୟାଗ୍, କାଣ୍ଡେସ୍ ଲା ବୋର୍ଡେ, କିମ୍ କଟନ୍, ସାରା ଦେବନେଭାନା, ଶତିରା ଜାକିର ଜେସି, ରେରିନ୍ କ୍ଲାଷ୍ଟେ, ଏନ୍ ଜନନୀ, ନିମାଲୀ ପରେରା, କ୍ଲେୟର୍ ପୋଲୋସେକ୍, ବୃନ୍ଦା ରାଠୀ, ସୁ ରେଡ୍‌ଫର୍ନ, ଏଲୋଇସ୍ ଶେରିଡନ୍, ଗାୟତ୍ରୀ ବେଣୁଗୋପାଳନ୍, ଜ୍ୟାକ୍‌ଲିନ୍ ୱିଲିୟମ୍ସ।

ମ୍ୟାଚ୍ ରେଫରି : ଟ୍ରୁଡି ଆଣ୍ଡରସନ୍, ଶାଣ୍ଡ୍ରେ ଫ୍ରିଟ୍‌ଜ, ଜିଏସ୍ ଲକ୍ଷ୍ମୀ, ମିଶେଲ୍ ପରେରା।

ଆପଣଙ୍କର ଅଞ୍ଚଳର ଖବର କିମ୍ବା ନିଜର ଆଲେଖ୍ୟ ନିମ୍ନଲିଖିତ ଇ-ମେଲ୍‌ରେ ପଠାଇପାରିବେ।

ଯୋଗାଯୋଗ -
ରଣଜିତ୍ ପଟ୍ଟନାୟକ
ମୁଖ୍ୟ ପ୍ରତିନିଧି
Email: mediatejaswini@gmail.com

TARIFF
Full Page B/W-10000
Half Page B/W-5000
Quarter Page B/W- 2500

Printed, Published & Owned by **Prof.Jatindra Nath Das** Bhubaneswar -751002, Dist.- Khordha, Orissa, Published at Plot No.: A/8, Bijaya Vihar, Nuagao P.o Sisupalgarh, Bhubaneswar-751002 Ph : 9937307725, Email: mediatejaswini@gmail.com
**Printed at :** Chandan Printers, Plot No.-3, Gopabandhu Chhak, Unit-8, Bhubaneswar, Odisha
**Editor : Sanja Sameer Mohapatra, ସମ୍ପାଦକ : ସଞ୍ଜ ସମୀର ମହାପାତ୍ର**